ବର୍ଷ-୨୪, ସଂଖ୍ୟା-୩୨୧
ଭୁବନେଶ୍ୱର
୨୬ ଡିସେମ୍ବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 321
Bhubaneswar
26 December, 2024 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଆଜିଠୁ ବକ୍ସିଂ ଡେ ଟେଷ୍ଟ



# ବାଜପେୟୀ ଜୀ ଥିଲେ ଅଜାତଶତ୍ରୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୨(ମହାଭାରତ): ବାଜପେୟୀ ଜୀ ଥିଲେ ଜଣେ ଦେବୋପମ ବ୍ୟକ୍ତି। ତାଙ୍କ ଜୀବନର ଗଭୀରତା, ସଦ୍‌ଗୁଣ ଓ ଆଦର୍ଶ ତାଙ୍କୁ ଦେବତାଙ୍କ ସହିତ ତୁଳନୀୟ କରିଥିଲା। ତାଙ୍କର ବ୍ୟକ୍ତିତ୍ୱ ଥିଲା ଶାନ୍ତ, ସ୍ନିଗ୍ଧ, ସରଳ ଓ ନମ୍ର। ଦଳମତ ନିର୍ବିଶେଷରେ ସେ ଥିଲେ ସମସ୍ତଙ୍କ ପ୍ରିୟ। ତାଙ୍କର ରାଜନୈତିକ ବିରୋଧୀ ଥିଲେ କିନ୍ତୁ, କେହି ଶତ୍ରୁ ନଥିଲେ। ତେଣୁ, ସେ ଥିଲେ ଅଜାତଶତ୍ରୁ। ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ

## ଓଡିଶାର ବିକାଶ ପାଇଁ ବାଜପେୟୀଙ୍କ ଭୂମିକା ଅତୁଳନୀୟ

ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ କୃଷି ସେବା ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଣେ ଉଦାର ହୃଦୟ ଜନନାୟକ, ସଫଳ ପ୍ରଧାନମନ୍ତ୍ରୀ, ଓଜସ୍ୱିନୀ ବକ୍ତା ଓ ଜଣେ ପ୍ରସିଦ୍ଧ କବି ଭାବେ ଭାରତ ବର୍ଷର ରାଜନୈତିକ ଇତିହାସରେ ସ୍ୱର୍ଗତ ବାଜପେୟୀଙ୍କ ନାମ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସେ ପୁଣି କହିଥିଲେ ଯେ ବାଜପେୟୀଜୀ ଥିଲେ ଜଣେ ଯୁଗପୁରୁଷ। ବିଂଶ ଶତାବ୍ଦୀର ଶେଷ ଭାଗରେ ଓ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ସେ ଦେଶର ନେତୃତ୍ୱ ନେଇ ସାରା ଦେଶକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ। ଦେଶର ଘଡିସନ୍ଧି ମୁହୂର୍ତ୍ତରେ ତାଙ୍କର ସଫଳ ନେତୃତ୍ୱ ହିଁ ପ୍ରମାଣିତ କରିଥିଲା ଯେ, ଏକବିଂଶ ଶତାବ୍ଦୀ ହେବ ଭାରତର ଶତାବ୍ଦୀ। ତାଙ୍କ ଶାସନରେ ଦେଶର ବିକାଶର ଗତି



ଏକ ନୂତନ ଶିଖର ଛୁଇଁ ଥିଲା। ଅର୍ଥନୈତିକ ପ୍ରଗତି ଓ ଭିତ୍ତିଭୂମିର ବିକାଶ ତାଙ୍କ ଶାସନର ଏକ ଉଜ୍ଜ୍ୱଳ ଅଧ୍ୟାୟ ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ବାଜପେୟୀଙ୍କୁ ଜଣେ ସୁଶାସକ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ତାଙ୍କ ସମୟରେ ଦେଶର ଆର୍ଥିକ ପ୍ରଗତି ନୂତନ ଶିଖର ଛୁଇଁ ଥିଲା। ବିକାଶର ସବୁଠୁ ବଡ ଆବଶ୍ୟକତା ଭିତ୍ତିଭୂମି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଯଦି ଆମେ ଭାରତର ବିକାଶର ଇତିହାସକୁ ଦେଖିବା, ତେବେ ବାଜପେୟୀଙ୍କ ସମୟ ହେଉଛି, ଭିତ୍ତିଭୂମି ବିକାଶର ଏକ ନୂତନ ଅୟମାରମ୍ଭ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ଭାରତର ଚାରି ମହାନଗରୀକୁ ଯୋଡି ସେ ବିକାଶକୁ ଏକ ନୂଆ ଗତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସେ ଦେଶର ଗାଁ ଗୁଡିକରେ ସିମେଣ୍ଟ କଂକ୍ରିଟ ରାସ୍ତା କରି ଗ୍ରାମ୍ୟ ଭିତ୍ତିଭୂମି ସୁଦୃଢ କରିଥିଲେ। ବାଜପେୟୀଙ୍କ ସୁଦୂର ପ୍ରସାରି ଚିନ୍ତାଧାରା ଗାଁ'ର ପରିବେଶ ଓ ଗ୍ରାମ୍ୟ ଅର୍ଥନୀତିରେ ଏକ ବ୍ୟାପକ ପରିବର୍ତ୍ତନ ଆଣି ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବାଜପେୟୀ କହିଥିଲେ ଯେ, ଓଡିଶାର ବିକାଶ ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ। ବାଜପେୟୀଜୀଙ୍କ ଏହି ଆଶ୍ୱାସନା ଲୋକଙ୍କ ଭିତରେ ଭରସା ସୃଷ୍ଟି କରିଥିଲା। ବାଜପେୟୀଜୀ ଏହାକୁ ଏକ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ସହିତ ପ୍ରାରମ୍ଭିକ ପର୍ଯ୍ୟାୟରେ ୩୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏହା ବ୍ୟତିତ ଓଡିଶାର କ୍ଷତିଗ୍ରସ୍ତ ଜିଲ୍ଲାମାନଙ୍କରେ ୭ ଲକ୍ଷ ଘର ନିର୍ମାଣ ପାଇଁ ଅର୍ଥ ଅନୁମୋଦନ କରିଥିଲେ କେବଳ ସେତିକି ନୁହେଁ, ପାରାଦୀପରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଦ୍ୱାରା ଏକ ରିଫାଇନାରୀ ସ୍ଥାପନ ଓ ଭୁବନେଶ୍ୱରରେ ଏମ୍‌ସ ସ୍ଥାପନ ପାଇଁ ମଧ୍ୟ ସେ ଭିତ୍ତିପ୍ରସ୍ତର ରଖିଥିଲେ। ଏହା ସହିତ ୨୦୦୩ ମସିହାରେ ଇଷ୍ଟକୋଷ୍ଟ ରେଳବାଇ ମଧ୍ୟ ସ୍ଥାପନ ହୋଇଥିଲା। ବାଜପେୟୀଙ୍କ ସମୟରେ ହିଁ ସାନ୍ତାଳି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରାଯାଇ, ଦେଶର ଏକ ସରକାରୀ ଭାଷାର ମର୍ଯ୍ୟଦା ଦିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମେ ଜଣେ ସୁଶାସକ କେବଳ ତାଙ୍କୁ ହିଁ କହି ପାରିବା, ଯାହାଙ୍କ ଶାସନରେ ଲୋକ ନିଜକୁ ସବୁ ଦୃଷ୍ଟିରୁ ସୁରକ୍ଷିତ ମନେ କରିବେ। ନିଜର ଏକ ସୁନ୍ଦର ଭବିଷ୍ୟତର ଉଜ୍ଜ୍ୱଳ ଆଶା ମଧ୍ୟ ଲୋକଙ୍କ ଭିତରେ ସୃଷ୍ଟି ହେଉଥିବା ଆବଶ୍ୟକ ସବୁ ଦୃଷ୍ଟିକୋଣରୁ ବାଜପେୟୀଜୀ ଥିଲେ ଜଣେ ସୁଶାସକ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଦେଶ ପ୍ରତି ବାଜପେୟୀଙ୍କ ଅବଦାନକୁ ସମ୍ମାନ ପ୍ରଦର୍ଶନ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ତାଙ୍କ ଜନ୍ମ ଦିବସକୁ ସୁଶାସନ ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଲେ ଯେ ବାଜପେୟୀଙ୍କ ଜୀବନୀ ଓ ଆଦର୍ଶ ରୁ ଆମକୁ ବହୁ କିଛି ଶିଖିବାର ଅଛି ବିକାଶ ଓ ପ୍ରଗତିର ଏକମାତ୍ର ମାଧ୍ୟମ ହେଉଛି ସୁଶାସନ ବୋଲି ସେ କହିଥିଲେ।

ସ୍ୱାଗତ ଭାଷଣ ଦେଇ ସୂଚନା ଓ ଲୋକ ସମ୍ପର୍କ ବିଭା ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ କହିଲେ ଯେ ସେବା ଭାବ, ସମ୍ବେଦନଶୀଳତା ଓ ଉତ୍ତରଦାୟିତା ମାଧ୍ୟମରେ ବାଜପେୟୀ ସୁଶାସନ ପ୍ରତିଷ୍ଠା କରିଥିଲେଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ଉପଦେଷ୍ଟା।

# ବିମାନ ଦୁର୍ଘଟଣାରେ ୪୨ ମୃତ

ଅସ୍ତାନା, ୨୫।୧୨(ମହାଭାରତ):: ଆଜେରବାଇଜାନ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣା ହୋଇଥିବା ଖବର ସାମ୍ନାକୁ ଆସିଛି। ଏଥିରେ ୪୨ ଜଣ ପାସେଞ୍ଜରଙ୍କ ମୃତ୍ୟୁହୋଇଥିବାବେଳେ ସୌଭାଗ୍ୟବଶତଃ ୨୫ ଜଣ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି।

ଏହି ବିମାନଟି ବାକୁ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା ଯେଉଁଥିରେ ୬୭ ଜଣ ଯାତ୍ରୀ ଥିଲେ। ଏହି ବିମାନଟି ରୁଷିଆର ଚେଞ୍ଚିଆର ଗ୍ରୋଜନି ଯିବାକୁ ଥିଲା, କିନ୍ତୁ ଗ୍ରୋଜନିରେ କୁହୁଡ଼ି ହେତୁ ଏହାର ମାର୍ଗ ପରିବର୍ତ୍ତନ କରାଯାଇଥିଲା। କାଜାକିସ୍ତାନ ବିମାନ ବନ୍ଦରରେ ବିମାଟି ଜରୁରୀକାଳୀନ ଲ୍ୟାଣ୍ଡିଂ କରିବାକୁ ଅନୁମତି ମାଗିଥିଲା। ଏହର କିଛି ସମୟ ପରେ ବିମାଟି ଦୁର୍ଘଟଣାର ଶିକାର ହୋଇଥିଲା। ବିମାନଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ପଛଭାଗରେ ବିଶେଷ କ୍ଷୟକ୍ଷତି ହୋଇନଥିବାରୁ ଲୋକଙ୍କୁ ବଞ୍ଚାଇବା ସମ୍ଭବପର ହୋଇଥିଲା। ଦୁର୍ଘଟଣା ପରେ ଯୁଦ୍ଧାଳକୀନ ଭିତ୍ତିରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲଥିଲା। ଭୟଙ୍କର ବିସ୍ଫୋରଣ ଯୋଗୁ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା।



# ଅଦିନିଆ ବର୍ଷାରେ ବେହାଲ ଚାଷୀ

ଭୁବନେଶ୍ୱର, ୨୫।୧୨(ମହାଭାରତ): ଦୁଇଦିନ ହେଲା ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ଲାଗି ରହିଛି ବର୍ଷା। ଜାରି ରହିଛି କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା। ବର୍ଷା ଯୋଗୁଁ ବିଲରେ ଅମଳ ଧାନ ଗଜା ଝଡ଼ିପଡ଼ିଲାଣି ଭିଜା ଧାନ ଦକ୍ଷିଣରୁ ଉପକୂଳ ଏବଂ ଉତ୍ତର ଓଡ଼ିଶାରେ ଆଜି ବି ଜାରି ରହିଛି।ବର୍ଷା ସାଙ୍ଗକୁ କୋହଲା ପାଗ ଜଗତସିଂହପୁରରୁ ଛତ୍ରପୁର, ଚନ୍ଦବାଲିରୁ କଳାହାଣ୍ଡି ସବୁଠି ଚାଷୀଙ୍କ ମେରୁଦଣ୍ଡକୁ ବାରମ୍ବାର ପାହାର ମାରିଛି ।ବର୍ଷା ଆପ୍ରାଣ ଉଦ୍ୟମ କରୁଛି ଚାଷୀ କେଉଁଠି ଭାଡ଼ିମାରି ଧାନ ମାଡୁଛି, ଆଶା ପାଣି ନିଗିଡିଗଲେ ଧାନ କୁଞ୍ଚାଏ ବଞ୍ଚିଯିବ ସେହିପରି ବିଲରେ ଜମା ହୋଇଥିବା ପାଣିକୁ ମାହାରା କରି କାଟିବାକୁ ଚେଷ୍ଟା କରୁଛି ଚାଷୀ।



ଯେଉଁମାନେ ବିଲରୁ ଅମଳ କରିନେଇ ଆସିଛନ୍ତି ସେମାନେ ହେବା ଅବସ୍ଥାକୁ ଆସିଲାଣି ଏଭଳି ସ୍ଥିତିରେ ଚାଷୀ ପାଇଁ ଚିନ୍ତା ବଢ଼ିବାରେ ଲାଗିଛି ସେହିପରି ମଣ୍ଡିରେ ପଡିଥିବା ଧାନ ବି ବର୍ଷାରେ ଭିଜୁଥିବାର ଦେଖାଯାଇଛି। ଆସନ୍ତାକାଲି ମଧ୍ୟ ରାଜ୍ୟରେ କୋହଲା ପାଗ ଜାରି ରହିବ ବୋଲି ପାଣିପାଗ ବିଭାଗର ସୂଚନା।

ଅଦିନିଆ। ବର୍ଷାରେଚାଷୀର ଦୁର୍ଦ୍ଦଶା ଦୁଇଗୁଣା କରିଛି। ପାଚିଲା ଧାନ ବିଲରେ ପଡ଼ି ଗଜା ହେବାକୁ ବସିଲାଣି ପାଣିରେ ଲୋଟିଛି ଧାନ ଗଛ ଆଉ ଯେ ବର୍ତ୍ତି ଯାଇଛନ୍ତି । ସେ କଥା ନୁହେଁ ଖଳାରେ ଯେଉଁମାନେ ଗଦା ମାରି ପାରିନାହାନ୍ତି ପାଲ ଘୋଡ଼ାଇବାକୁ ଚେଷ୍ଟା କରିଛନ୍ତି ।ସେହିପରି ହେଉଛି କଳାହାଣ୍ଡିର ଧାନବସ୍ତା ତଳେ ଥୁଆ। ହୋଇଛି। ଆଉ ବର୍ଷା ପାଣିରେ ଭିଜୁଛି । ଲୋକେ ପାଲ ଘୋଡ଼ାଇ ରଖିବାକୁ ଚେଷ୍ଟା କରୁଛନ୍ତି। ହେଲେ ଓଦା ଧାନ ଏବେ ବିକ୍ରି ହେବା ଉପରେ ଲାଗିଲାଣି ପ୍ରଶ୍ନବାଚୀ। ତେଣୁ ଏଭଳି ସ୍ଥିତିରେ ଚାଷୀ କଣ କରିବ ଜାଣିପାରୁନି।

# ଓଡ଼ିଶାକୁ ୪୫୫ କୋଟି ଦେଲା କେନ୍ଦ୍ର

ନୂଆଦିଲ୍ଲୀ, ୨୪।୧୨(ମହାଭାରତ): କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ କମିଶନ ଓଡ଼ିଶା ପାଇଁ ୪୫୫ କୋଟି ଅର୍ଥ ମଞ୍ଜୁର କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତିକୁ ମିଶାଇ ଏହି ଅର୍ଥ ପ୍ରଦାନ କରାଯାଇଛି। ଅର୍ଥ କମିଶନଙ୍କ ମଞ୍ଜୁର ଅର୍ଥ ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର। ମଞ୍ଜୁର ଅର୍ଥ ୩୦ ଜିଲ୍ଲାର ୩୧୪ ବ୍ଲକର ୬୭୯୪ ପଞ୍ଚାୟତରେ ଖର୍ଚ୍ଚ ହେବ।

ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଗୁଡ଼ିକ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତି ଅର୍ଥାତ ୩୭୦.୨୦ କୋଟି ଟଙ୍କା ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅଣବନ୍ଧିତ ଅନୁଦାନର ପ୍ରଥମ କିସ୍ତିର ବକେୟା ରାଶି ୮୪.୫୦୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଓଡ଼ିଶା ପାଇଁ ୪୫୫ କୋଟି ଅର୍ଥ ମଞ୍ଜୁର କରାଯାଇଛି। ଏହି ପାଣ୍ଠି ରାଜ୍ୟର ସମସ୍ତ ଯୋଗ୍ୟ ୬୭୯୪ଟି ଗ୍ରାମ ପଞ୍ଚାୟତ, ୩୧୪ ଟି ବ୍ଲକ ପଞ୍ଚାୟତ ଏବଂ ୩୦ଟି ଜିଲ୍ଲା ପଞ୍ଚାୟତ ପାଇଁ ରହିଛି। ରାଜସ୍ଥାନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ଅଣବନ୍ଧିତ ଅନୁଦାନର ଦ୍ୱିତୀୟ କିସ୍ତି ଅର୍ଥା ୫୬୦.୬୩ କୋଟି ଟଙ୍କା ଏବଂ ୧ମ କିସ୍ତିର ଅଟକି ରହିଥିବା ରାଶି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୫୩.୪୧୨୩ କୋଟି ଟଙ୍କାର ଅଣବନ୍ଧିତ ଅନୁଦାନର କିସ୍ତି ପ୍ରଦାନ କରାଯାଇଛି।

# ଆମ୍ବେଦକରଙ୍କୁ କେବେ ଶ୍ରେୟ ଦେଇନି କଂଗ୍ରେସ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୫।୧୨(ମହାଭାରତ): ବାବା ସାହେବ ଆମ୍ବେଦକରଙ୍କୁ ନେଇ ବିରୋଧୀ ଦଳ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଟାର୍ଗେଟ କରୁଥିବାବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଧାସଳଖ ପୂର୍ବରୁ କ୍ଷମତାରେ ଥିବା କଂଗ୍ରେସ ନେତୃତ୍ୱାଧୀନ ସରକାରକୁ ଜବାବ ଦେଇଛନ୍ତି। କଂଗ୍ରେସ କ୍ଷମତାରେ ଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ବିଳମ୍ବିତ କରୁଥିବା ଓ ପ୍ରଭାବୀ ନୀତିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲା ବୋଲି ମୋଦି ଅଭିଯୋଗ କରିଛନ୍ତି ।



ସୁଶାସନ ଦିବସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୋଦି ଅଭିଯୋଗ କରିଛନ୍ତି ଯେ ଦେଶର ସର୍ବପୁରାତନ ରାଜନୀତିକ ଦଳ ଜଳ ସଂରକ୍ଷଣ କାମକୁ ଅଣଦେଖା କରିଥିଲା ଓ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ବିଫଳ ହୋଇଥିଲାଫ ବିଶେଷ କରି ବୁନ୍ଦେଲଖଣ୍ଡର ଚାଷୀ ଏହା ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ । ମୋଦି ଦାବି କରିଛନ୍ତି ଯେ ବାବା ସାହେବ ଆମ୍ବେଦକର ଭାରତର ଜଳ ସଂରକ୍ଷଣ ନୀତିକୁ ଉପଯୁକ୍ତ ରୂପ ଦେବାକୁ ଚେଷ୍ଟା କରୁଥିବା ବେଳେ କଂଗ୍ରେସ ନିୟମିତ ଭାବେ ତାଙ୍କ ଅବଦାନକୁ ଅଣଦେଖା କରି ଆସୁଥିଲା । ସ୍ୱାଧୀନତା ପରେ ବାବା ସାହେବଙ୍କ ଦୂରଦୃଷ୍ଟି ଭାରତ ଜଳ ଉତ୍ସ ଓ ସଂରକ୍ଷଣ ଉଦ୍ୟମକୁ ଆଗକୁ ନେଇଥିଲା । ଏବେ ବି କେନ୍ଦ୍ରୀୟ ଜଳ କମିଶନ ରହିଛି । ଏହା ପଛରେ ବାବା ସାହେବଙ୍କ ଭୂମିକା ରହିଛି । କିନ୍ତୁ କଂଗ୍ରେସ କେବେ ହେଲେ ଏଥିପାଇଁ ତାଙ୍କୁ ଶ୍ରେୟ ଦେଇନାହିଁ ବୋଲି ମୋଦି କହିଛନ୍ତି । ମୋଦି ଆହୁରି କହିଛନ୍ତି, କଂଗ୍ରେସର ବିଶ୍ୱାସ ଗଭର୍ନାନ୍ସ ହେଉଛି ସେମାନଙ୍କର ଜନ୍ମଗତ ଅଧିକାର। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ସେମାନେ ବିଫଳ । ଲୋକଙ୍କୁ କୌଣସି ଫାଇଦା ନ ଦେଇ ସେମାନେ କେବଳ ଯୋଜନା ଘୋଷଣା କରିବାରେ ବେଶ ମାହିର । ପୂର୍ବରୁ କ୍ଷମତାରେ ଥିବା କଂଗ୍ରେସ ସରକାର ଭିତ୍ତିପ୍ରସ୍ତର ପ୍ରତିଷ୍ଠା ପରେ ମଧ୍ୟ ବିଭିନ୍ନ ପ୍ରକଳ୍ପକୁ ୩୫ରୁ ୪୦ ବର୍ଷ ବିଳମ୍ବ କରୁଥିଲା । ଗଭର୍ନାନ୍ସ ଓ କଂଗ୍ରେସ ଏକାଠି ଯାଇ ପାରିବେ ନାହିଁ। ବିଜେପିର କାର୍ଯ୍ୟକ୍ରମଗୁଡ଼ିକୁ ଦୃଷ୍ଟି ଆକର୍ଷଣ କରି ପ୍ରଧାନମନ୍ତ୍ରୀ ମୋଦି ପିଏମ କିଷାନ ସମ୍ମାନ ନିଧି ଯୋଜନା ଓ ମଧ୍ୟପ୍ରଦେଶର ଲାଡଲୀ ବେହନା ଯୋଜନା କଥା କହିଛନ୍ତି । ଏହି ଦୁଇ ଯୋଜନା ଦ୍ୱାରା ଚାଷୀ ଓ ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ମୋଦି କହିଛନ୍ତି ।

# ସମ୍ବଲପୁରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଲିଲେ କେନ୍ଦ୍ରମନ୍ତ୍ରୀ




ସମ୍ବଲପୁର, ୨୫।୧୨(ମହାଭାରତ): ଚାଷ ହେଉଛି ସମ୍ବଲପୁରର ଅର୍ଥନୀତି। କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ ସମ୍ବଲପୁରର ଜନସାଧାରଣ ବିଶେଷ ଭାବରେ ଅନ୍ନଦାତାଙ୍କ ପାଖରେ ଆଧୁନିକ କୃଷି ଯନ୍ତ୍ରପାତି ପହଞ୍ଚାଇବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ସୁଶାସନ ଦିବସ ଅବସରରେ ସମ୍ବଲପୁର ଜିଲ୍ଲାର ଅଇଁଠାପାଲି ଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫ ରେ ଯୋଗଦେଇ ଶ୍ରୀ ପ୍ରଧାନ ଚାଷୀମାନଙ୍କୁ ଆଧୁନିକ କୃଷି ଉପକରଣ ପ୍ରଦାନ କରିଛନ୍ତି ବିଭିନ୍ନରକମର ଚାଷ କରୁଥିବା ଚାଷୀ, ଓ ସଂସ୍ଥାମାନଙ୍କୁ ପୁରସ୍କୃତ କରିବା ସହ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମ୍ବଲପୁର ସମେତ ଓଡ଼ିଶାର ଚାଷ ଓ ଚାଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରଛନ୍ତି। ଓଡ଼ିଶାର ଚାଷୀମାନଙ୍କର ହିତ ପାଇଁ କ୍ୱିଣ୍ଟାଲ ପିଛା କେନ୍ଦ୍ର ସରକାରଙ୍କ ଧାନର ଏମଏସପି ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶିତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଛି। ସମ୍ବଲପୁର ଜିଲ୍ଲାରେ ଅଧିକ ଧାନ କିଣାଯିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସୁଭଦ୍ରା ଯୋଜନାରେ ମାଆ। ଭଉଣୀମାନଙ୍କୁ ସିଧାସଳଖ ଡିବିଟି ସାହାଯ୍ୟରେ ଆର୍ଥିକ ସହାୟତା ମିଳିବା ଦ୍ୱାରା ସେମାନେ ସଶକ୍ତ ହେଉଛନ୍ତି। ଏ ସବୁ ଦ୍ୱାରା ଆନୁମାନିକ ୫୫୦ କୋଟି ଟଙ୍କା ସମ୍ବଲପୁର ଜିଲ୍ଲାକୁ ପ୍ରଥମ ଥର ପାଇଁ ଡବଲ ଇଞ୍ଜିନ ସରକାର ଦେଉଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ଓ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନ ଓ ନୀତିଶଙ୍କୁ ଭାରତରତ୍ନ ମିଳିବା ଉଚିତ : ଗିରିରାଜ

ନୂଆଦିଲ୍ଲୀ, ୨୫।୧୨(ମହାଭାରତ): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଉଚିତ। ବୁଧବାର ନିଜ ସଂସଦୀୟ କ୍ଷେତ୍ର ବେଗୁସରାଇରେ ଏଭଳି ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଛନ୍ତି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ।

ସେ କହିଥିଲେ, ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ନହେଲା ପର୍ଯ୍ୟନ୍ତ ବିହାର ଏହାର ଖରାପ ରାସ୍ତା, ଦୁର୍ବଳ ସ୍କୁଲ୍ କୋଠା ଆଦି ପାଇଁ ବେଶ୍ ଜଣାଶୁଣା ଥିଲା। କିନ୍ତୁ ନୀତୀଶ ରାଜ୍ୟକୁ ଏକ ନୂଆସ୍ତରକୁ ନେଇ ଯାଇଛନ୍ତି। ବର୍ତ୍ତମାନର ଛୁଆମାନେ ଲାଲୁଙ୍କ ଜଙ୍ଗଲ ରାଜ ଦେଖି ନାହାନ୍ତି। ନୀତୀଶ କୁମାର ଏହି ରାଜ୍ୟର ବିକାଶ କରିଛନ୍ତି। ସେହିପରି ନବୀନ ପଟ୍ଟନାୟକ ଓଡ଼ିଶାକୁ ବହୁ ବର୍ଷ ଧରି ଶାସନ କଲେ। ସେମାନଙ୍କ ଭଳି ନେତାମାନେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇବାକୁ ହକଦାର। ନୀତୀଶ କୁମାରଙ୍କ ଦଳ ଏବେ ବିଜେପି ନେତୃତ୍ୱାଧୀନ ଏନଡିଏରେ ଅଛି। ନବୀନଙ୍କ ନେତୃତ୍ୱାଧୀନ ବିଜେଡି ଏକଦା ଏନଡିଏରେ ଥିଲା। ଗିରିରାଜ ସିଂହ ଆହୁରି କହିଥିଲେ ଯେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ଚାଲାକି ଓ ପ୍ରୟାସ କାମ କରିବନି। ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନଡିଏ ବିହାରରେ ଆସନ୍ତା ବିଧାନସଭା ନିର୍ବାଚନ ଲଢ଼ିବ।

# ଶ୍ରୀଜିଉଙ୍କୁ ଦର୍ଶନ କଲେ ବିଦାୟୀ ରାଜ୍ୟପାଳ

ପୁରୀ, ୨୫।୧୨(ମହାଭାରତ): ରାଜ୍ୟପାଳ ପଦରୁ ମଙ୍ଗଳବାର ଇସ୍ତଫା ଦେଇଥିବା ରଘୁବର ଦାସ ଆଜି ପୁରୀ ଯାଇ ଶ୍ରୀଜିଉଙ୍କୁ ଦର୍ଶନ କରିଛନ୍ତି। ଏହି ସମୟରେ ସେ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ମୋତେ ଓଡ଼ିଶାର ସେବା କରିବାର ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ଏହା ପରେ ଦଳ ମୋତେ ଯେଉଁ ଦାୟିତ୍ୱ ଦେବ ଭାଜପାର ଜଣେ ଶୃଙ୍ଖଳିତ କର୍ମୀ ଭାବେ ମୁଁ ତାକୁ ଗ୍ରହଣ କରିବି।



ରଘୁବର ଓଡ଼ିଶାର ରାଜ୍ୟପାଳ ପଦରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ହରିବାବୁ କମ୍ଭମପତି ନୂଆ। ରାଜ୍ୟପାଳ ନିଯୁକ୍ତି ହୋଇଛନ୍ତି। ରଘୁବରଙ୍କ ଇସ୍ତଫାପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ପାଖକୁ ପଠାଇଛନ୍ତି। ତେବେ ରଘୁବରଙ୍କ ଇସ୍ତଫା ପରେ ଓଡ଼ିଶା ରାଜନୀତି ସରଗରମ ହୋଇ ଉଠିଛି। ରଘୁବର ୨୦୨୩ରେ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ହୋଇଥିବାବେଳେ ହଠାତ୍ ସେ ଇସ୍ତଫା ଦେବା ଚର୍ଚ୍ଚାର ଖୋରାକ ଯୋଗାଇଛି। କୁହାଯାଉଛି ସେ ପୁଣି ରାଜନୀତିକୁ ଫେରି ପାରନ୍ତି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ରାଜ୍ୟପାଳ ଭାବେ ଇସ୍ତଫା ଦେବା ପରେ ପୁଣି ଥରେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ୧୫୪୨ ନୂଆ ବହୁମୁଖୀ ପ୍ୟାକ୍ସ ଶୁଭାରମ୍ଭ

ଭୁବନେଶ୍ୱର, ୨୫।୧୨(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କରିଛନ୍ତି ।ଲୋକ ସେବା ଭବନର ସଭାଗୃହଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ସମବାୟ ସମିତି ଗୁଡିକର ଶୁଭାରମ୍ଭ କରିଛନ୍ତି।

ରାଜ୍ୟରେ ସମୁଦାୟ ୨୭୧୧ଟି ପ୍ୟାକ୍ସ ଥିବା ବେଳେ, ରାଜ୍ୟ ସରକାର ଆଉ ୧୫୪୨ଟି ନୂଆ ବହୁମୁଖୀ ପ୍ୟାକ୍ସ ଗଠନ କରିଛନ୍ତି । ଏହା ଦ୍ୱାରା ରାଜ୍ୟର ସମୁଦାୟ ପ୍ୟାକ୍ସ ସଂଖ୍ୟା ୪୨୫୩ରେ ପହଞ୍ଚିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଆମ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ସମୁଦାୟ ୫୪ ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଗୁଡିକ ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି, ପ୍ୟାକ୍ସ ଓ ଲାମ୍ପସ ଗୁଡିକୁ ବହୁମୁଖୀ କରିବା ପାଇଁ ମଡେଲ ବାଇ-ଲ ପ୍ରଚଳନ; କମ୍ପ୍ୟୁଟରିକରଣ ମାଧ୍ୟମରେ ପ୍ୟାକ୍ସଗୁଡିକୁ ସ୍ୱଚ୍ଛ ଓ ମଜଭୁତ କରିବା, ସାର ଓ ବିହନ ଯୋଗାଣ, ଜନ ଔଷଧୀ କେନ୍ଦ୍ର ଓ କମନ୍ ସର୍ଭିସ ସେଣ୍ଟର ସ୍ଥାପନ, କୃଷି ସେବା କେନ୍ଦ୍ର



ସ୍ଥାପନ, ଗ୍ରାହକ କେନ୍ଦ୍ର ସ୍ଥାପନ, ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ସଂରକ୍ଷଣ କେନ୍ଦ୍ର ସ୍ଥାପନ ଇତ୍ୟାଦି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପ୍ୟାକ୍ସକୁ ମଡେଲ୍ ପ୍ୟାକ୍ସ ଭାବରେ ବିକଶିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଏହି ମଡେଲ ପ୍ୟାକ୍ସ ଗୁଡିକ ଗୋଟିଏ ଗୋଟିଏ ାନ୍-ଷ୍ଟପ୍ ସପ୍ ଭଳି କାର୍ଯ୍ୟ କରିବ, ଅର୍ଥାତ ଗୋଟିଏ ଛାତ ତଳେ କୃଷି ସମ୍ବନ୍ଧୀୟ ସବୁ ପ୍ରକାର ସୁବିଧା ମିଳିବ ବୋଲି ସେ କହିଥିଲେ। ଆଦର୍ଶ ପ୍ୟାକ୍ସ ଓ ଲାମ୍ପସଗୁଡିକ ସମବାୟ ସମିତି ମାନଙ୍କୁ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ୨୦୧୫ ମସିହାରୁ ବନ୍ଦ ହୋଇ ପଡିଥିବା ଭୁବନେଶ୍ୱର ସହରାଞ୍ଚଳ ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀମାନଙ୍କୁ ଜମାରାଶି ଫେରସ୍ତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଏହା ଦ୍ୱାରା ସମବାୟ ବ୍ୟାଙ୍କ ଉପରେ ଲୋକମାନଙ୍କ ଆସ୍ଥା ପୁନଃ ପ୍ରତିଷ୍ଠାରେ ସହାୟକ ହେବ ବୋଲି ସେ କହିଥିଲେ ।ନୂଆ ସରକାର ସମବାୟ କ୍ଷେତ୍ରକୁ କ୍ରିୟାଶୀଳ ଓ ଚଳଚଞ୍ଚଳ କରିବା ପାଇଁ ପ୍ରତିଶୃତିବଦ୍ଧ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ଫେରାଇ ଆଣିବା ସହିତ ଏହାକୁ ଗ୍ରାମ୍ୟ ଅର୍ଥନୀତି ବିକାଶର ଏକ ପ୍ରମୁଖ ଇଞ୍ଜିନ। ଭାବରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମବାୟ ସଂସ୍ଥା ଗୁଡିକ ଚାଷୀ ମାନଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେଇ ସେମାନଙ୍କ ସମସ୍ୟାର ରିଅଲ୍ ଟାଇମ୍ ସେଟଲମେଣ୍ଟ କରିବା ଆବଶ୍ୟକ ନହେଲେ କମ୍ପ୍ୟୁଟରୀକରଣର କୌଣସି ଅର୍ଥ ନାହିଁ। ଅନେକ ସଂସ୍ଥା ଏବେ ବି ଏକ୍ସେଲ ସିଟରେ ହିସାବ କିତାବ କରି କରୁଛନ୍ତି। ଏହା ଦ୍ୱାରା ଦୁର୍ନୀତି ପ୍ରଶ୍ରୟ ପାଇବ ତେଣୁ, ସବୁ ପ୍ରାଥମିକ ସମବାୟ ସମିତିର ଖାତାପତ୍ର ଅଡିଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସମବାୟ କ୍ଷେତ୍ରର ଉନ୍ନତି ପାଇଁ ବିଭାଗ ପକ୍ଷରୁ ନିଆ। ଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଅଦିନିଆ। ବର୍ଷାର ସମ୍ମୁଖୀନ ହୋଇ ଚାଷୀ ମାନଙ୍କୁ ବୀମାଭୁକ୍ତ କରାଯାଇଛି ସେମାନେ କ୍ଷତି ସହିବେ ନାହିଁ ଯେଉଁ ଚାଷୀ ମାନେ ବିମା କରି ନାହାନ୍ତି ସେମାନଙ୍କୁ ବୀମା କରିବା ପାଇଁ ସମବାୟ ସଂସ୍ଥା ମାନେ ଉଦ୍ୟମ କରିବାକୁ ସେ ଅନୁରୋଧ କରିଥିଲେ ।

## ମାଛ ଚମଚମ

ଆବଶ୍ୟକ ସମାଗ୍ରୀ: ମାଛ , ବେସନ, ଚାଉଳ ଚୂନା, କଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, କଟା କଞ୍ଚାଲଙ୍କା, କଟା ପିଆଜ , ଅଦା ପିଆଜ ଶୁଖିଲାଲଙ୍କା ପେଷ୍ଟ , କାଜୁ ,ଟମାଟୋ ଓ ଦହି।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଲୁଣ ଓ ହଳଦୀରେ ଗୋଳାଇ ଭାଜି ଦିଅନ୍ତୁ। ଏବେ ଭଜା ମାଛରୁ କଣ୍ଟା କାଢି ସେଥିରେ ବେସନ , ଚାଉଳ ଚୂନା , କଟା କଞ୍ଚାଲଙ୍କା , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ହଳଦୀ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ଚକଟି ଦିଅନ୍ତୁ।

ଏବେ କଡ଼େଇରେ ତେଲ ଗରମ କରି ଗୋଳା ମାଛ ଚକଟାକୁ ଗୋଲ ଗୋଲ କରି ଛାଣି ଦିଅନ୍ତୁ। ଏହା ପରେ ଗରମ ତେଲରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ସେଥିରେ ଅଦା, ପିଆଜ ଓ ଶୁଖିଲାଲଙ୍କା ପେଷ୍ଟ ପକାନ୍ତୁ। ମସଲା କଷି ହୋଇ ଆସିଲେ ସେଥିରେ କାଜୁ , ଟମାଟୋ ଓ ଦହି ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଗଲେ ସେଥିରେ ଭଜା ମାଛ ବରାକୁ ପକାନ୍ତୁ। ଦୁଇରୁ ତିନି ମିନିଟ ପରେ ପ୍ରସ୍ତୁତ ହୋଇଯିବ ମାଛ ଚମଚମ ।



ଖବର

# ପରିବାର ସହ ଖ୍ରୀଷ୍ଟମାସ ପାଳନ କଲେ ଶିଳ୍ପା,



ଆଜି ଅର୍ଥାତ ୨୫ ଡିସେମ୍ବରରେ ସମଗ୍ର ବିଶ୍ୱରେ ଖ୍ରୀଷ୍ଟମାସ ପାଳନ କରାଯାଉଛି ସମସ୍ତେ ଛୁଟିଦିନକୁ ଉପଭୋଗ କରୁଛନ୍ତି ଏବଂ ନିଜ ପରିବାର ବା ବନ୍ଧୁ ମାନଙ୍କ ସହ ସମୟ କଟାଉଛନ୍ତି। ଅନ୍ୟମାନଙ୍କ ଭଳି ବଲିଉଡ୍ର ସେଲିବ୍ରିଟିମାନେ ମଧ୍ୟ ନିଜ ନିଜ ଶୈଳୀରେ ଏହି ଉତ୍ସବକୁ ପାଳନ କରିଥିବା ଦେଖାଯାଇଛି। ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ତାଙ୍କ ପରିବାର ସହ ଖ୍ରୀଷ୍ଟମାସ କିଭଳି ପାଳନ କରିଥିଲେ ତାହା ଏବେ ସାମ୍ନାକୁ ଆସିଛି । ଏକ ଭିଡିଓ ଏବେ ସାମ୍ନାକୁ ଆସିଛି ଯେଉଁଥିରେ ସିକ୍ରେଟ୍ ସାଣ୍ଟା ଶିଳ୍ପା ସେଟ୍ଟୀ ଏବଂ ରାଜ କୁନ୍ଦ୍ରାଙ୍କ ଘରକୁ ଆସିଥିଲେ ବୋଲି ଦେଖାଯାଇଛି । ଭିଡିଓରେ ଦେଖାଯାଇଛି ଯେ, ସାଣ୍ଟା କ୍ଲଜ୍ ଘରେ ପ୍ରବେଶ କରିବା ମାତ୍ରେ ଉଭୟ ଶିଳ୍ପା ଓ ତାଙ୍କ ପିଲାମାନେ ଖୁସି ହୋଇଯାଉଛନ୍ତି। ଏହା ପରେ ସାଣ୍ଟା କ୍ଲଜ୍ ଶିଳ୍ପା-ରାଜଙ୍କ ପିଲାମାନଙ୍କୁ ଅନେକ ଉପହାର ଦେଇ ସେମାନଙ୍କୁ ଖ୍ରୀଷ୍ଟମାସ କାହାଣୀ କହୁଛନ୍ତି। ଉଭୟ ପିଲା ତାଙ୍କ କଥାକୁ ମନ ଦେଇ ଶୁଣୁଛନ୍ତି। ଏହାପରେ ଶିଳ୍ପା ଏବଂ ରାଜ ମଧ୍ୟ ନିଜ ପିଲାମାନଙ୍କ ସହିତ ଖ୍ରୀଷ୍ଟମାସ ଗୀତରେ ନାଚୁଛନ୍ତି।



## ସାରନାଥର 'ଧର୍ମଚକ୍ର'

ସାରନାଥଠାରେ ଅଶୋକ ଚକ୍ର 'ସିଂହ ସ୍ତମ୍ଭ' ଭାରତୀୟ ସଂଘରାଜ୍ୟର ପ୍ରତୀକ ଅଟେ। ଏଥିରେ ବେଦବାକ୍ୟ 'ସତ୍ୟମେବ ଜୟତେ' ଲିଖିତ ହୋଇଛି। ଏଠାରେ ଚାରୋଟି ଚକ୍ର ରହିଛି। ଚାରି ଚକ୍ରରେ ଚାରୋଟି ସିଂହ ଧାବମାନ ସଦୃଶ ଦୃଶ୍ୟମାନ ହେଉଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ଏହି ଚକ୍ରକୁ 'ଜ୍ଞାନ ଚକ୍ର' ଭାବେ କହୁଥିବା ବେଳେ ସମ୍ରାଟ୍ ଅଶୋକ ଏହାକୁ 'ଧର୍ମଚକ୍ର' କହିଥାନ୍ତି।



କାଶୀଠାରୁ ସାତ ମାଇଲ ଦୂର ପୂର୍ବରେ ବୌଦ୍ଧଧର୍ମର ପ୍ରାଚୀନ ତୀର୍ଥ ସାରନାଥ ଅବସ୍ଥିତ। ଜ୍ଞାନ ପ୍ରାପ୍ତି ପରେ ଭଗବାନ ବୁଦ୍ଧ ତାଙ୍କ ଭକ୍ତମାନଙ୍କୁ ଏହିଠାରେ ପ୍ରାରମ୍ଭିକ ଉପଦେଶ ପ୍ରଦାନ କରିଥିଲେ। ଏଠାରେ ସାରଙ୍ଗନାଥ ମହାଦେବଙ୍କ ମନ୍ଦିର ବିଦ୍ୟମାନ। ସାରନାଥଠାରେ ଅଶୋକଙ୍କ ଚତୁର୍ମୁଖ ସିଂହସ୍ତମ୍ଭ, ଭଗବାନ ବୁଦ୍ଧଙ୍କ ମନ୍ଦିର, ଧର୍ମେଖ ସ୍ତୁପ, ଚୌଖଣ୍ଡୀ ସ୍ତୁପ, ରାଜକୀୟ ସଂଗ୍ରହାଳୟ, ଜୈନ ମନ୍ଦିର, ଚୀନୀ ମନ୍ଦିର ପ୍ରଭୃତି ଅବସ୍ଥିତ। ଏହି ସ୍ଥାନର ପ୍ରାଚୀନ ନାମ ଥିଲା ଋଷିପତନ କିମ୍ବା ମୃଗଦାବ (ହରିଣଙ୍କ ଜଙ୍ଗଲ)। ଏହିଠାରେ ଋଷିମାନଙ୍କ ପତନ ପରେ ମୃଗମାନେ ବିଚରଣ କରୁଥିବା ଆଧାରରେ ଏହି ସ୍ଥାନର ନାମ ମୃଗଦାବ ରଖା ଯାଇଥିଲା।

ପରବର୍ତ୍ତୀ ସମୟରେ ଏହି ସ୍ଥାନର ନାମ ସାରନାଥର ଉତ୍ପତ୍ତି 'ସାରଙ୍ଗନାଥ (ମୃଗଙ୍କ ନାଥ)ରୁ ହୋଇଥିଲା। କୁହାଯାଏ ଯେ ବୋଧିସତ୍ତ୍ୱଙ୍କର କୌଣସି ପୂର୍ବଜ, ଯେତେବେଳେ ମୃଗଦାବଠାରେ ମୃଗମାନଙ୍କର ରାଜାଥିଲେ, ସେ ନିଜର ପ୍ରାଣବଳିଦେଇ ଏକ ଗର୍ଭବତୀ ହରିଣର ଜୀବନ ବଞ୍ଚାଇଥିଲେ। ଏହି କାରଣରୁ ଉକ୍ତ ସ୍ଥାନକୁ ସାର କିମ୍ବା ସାରଙ୍ଗ (ମୃଗ) ନାଥ କୁହାଯାଏ। ରାୟ ବାହାଦୁର ଦୟାରାମ ସାହାଣୀଙ୍କ ଅନୁସାରେ ଭଗବାନ ଶିବଙ୍କୁ ମଧ୍ୟ ସାରଙ୍ଗନାଥ କୁହାଯାଏ ଏବଂ ମହାଦେବ ଶିବଙ୍କ ନଗରୀ କାଶୀ ନିକଟବର୍ତ୍ତୀ ହୋଇଥିବା କାରଣରୁ ଏହି ସ୍ଥାନ ଶିବ ଉପାସନାର ପ୍ରମୁଖ ସ୍ଥଳ ଥିଲା।

## ହିନ୍ଦୁ ଧର୍ମରେ ଗର୍ଭାଧାନ ସଂସ୍କାର

ହିନ୍ଦୁ ଧର୍ମରେ ବିଭିନ୍ନ ସଂସ୍କାର ରହିଛି। ସେଥିମଧ୍ୟରୁ ପ୍ରଥମ ହେଉଛି ଗର୍ଭାଧାନ ସଂସ୍କାର। ଏହିଠାରୁ ଶିଶୁର ନିର୍ମାଣ ହୋଇଥାଏ। ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପରେ ଦମ୍ପତିଙ୍କୁ ପୁତ୍ର ଉତ୍ପନ୍ନ କରିବାର ମାନ୍ୟତା ଦିଆଯାଇଛି। ତେଣୁ ଶାସ୍ତ୍ରରେ କୁହାଯାଇଛି ଯେ, ଉତ୍ତମ ସନ୍ତାନପ୍ରାପ୍ତି ନିମନ୍ତେ ସର୍ବପ୍ରଥମେ ଗର୍ଭାଧାନ ସଂସ୍କାର କରିବା ଉଚିତ୍। ପିତୃ ଋଣରୁ ମୁକ୍ତି ପାଇବା ପରେ ସନ୍ତାନ ଉତ୍ପନ୍ନ ସଂସ୍କାର ବ୍ୟବସ୍ଥା ରହିଛି। ଏହି ସଂସ୍କାରରେ ଗର୍ଭ ସମ୍ବନ୍ଧିତ ମଳିନତା ପ୍ରଭୃତି ଦୋଷ ଦୂର ହୋଇଥାଏ। ଯାହାଫଳରେ ଉତ୍ତମ ସନ୍ତାନ ପ୍ରାପ୍ତି ହୋଇଥାଏ। ମାତା-ପିତାଙ୍କ ସଂଯୋଗରେ ସନ୍ତାନର ଉତ୍ପତ୍ତି ହୋଇଥାଏ ଏବଂ ଏହି ସଂଯୋଗକୁ ଗର୍ଭାଧାନ ସଂସ୍କାର ବୋଲି ହିନ୍ଦୁ ଧର୍ମର ସଂସ୍କାର ପର୍ବରେ ପ୍ରାରମ୍ଭରେ କୁହାଯାଇଛି। ଗର୍ଭସ୍ଥାପନ ପରେ ଅନେକ ପ୍ରକାର ପ୍ରାକୃତିକ ପ୍ରବୃତ୍ତି ଆକ୍ରମଣ କରିଥାଏ, ଯେଉଁଥିରୁ ରକ୍ଷା ପାଇବା ପାଇଁ ଏହି ସଂସ୍କାର ବ୍ୟବସ୍ଥା ରହିଛି। ମାତା-ପିତାଙ୍କ ବିଚାରଧାରା ସହିତ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। ମାତା-ପିତାଙ୍କ ମାଦକ ଦ୍ରବ୍ୟ ସେବନ,



ଦୂଷିତ ମାନସିକତା ପ୍ରଭୃତିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଦାମ୍ପତ୍ୟ ଜୀବନର ଶ୍ରେଷ୍ଠ ଉଦ୍ଦେଶ୍ୟ ସର୍ବ ଗୁଣାବଳୀ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ ଏବଂ ଯଶସ୍ୱୀ ସନ୍ତାନ ପ୍ରାପ୍ତ କରିବା। ଏଥିପାଇଁ ଗର୍ଭାଧାନ ସଂସ୍କାର ଉପରେ ଧ୍ୟାନ ରଖିବା ଜରୁରୀ ଅଟେ। ଗୁଣବାନ ସନ୍ତାନ ଉତ୍ପନ୍ନ ପାଇଁ ମାତା-ପିତାଙ୍କୁ ବିଚାରପୂର୍ବକ କର୍ମ କରିବା ଆବଶ୍ୟକ। ଶ୍ରେଷ୍ଠ ସନ୍ତାନ ପ୍ରାପ୍ତିପାଇଁ ବିଭିନ୍ନ ବିଧି ବିଧାନ ରହିଛି। ଏଥିପାଇଁ ମାତା-ପିତାଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। କାରଣ ତାଙ୍କର ଆସୁଥିବା ସନ୍ତାନଟି ତାଙ୍କ ଆତ୍ମାର ପ୍ରତିରୂପ ଅଟେ। ସେଥିପାଇଁ ପୁତ୍ରକୁ ଆତ୍ମା ଏବଂ ପୁତ୍ରୀକୁ ଆତ୍ମଜା କୁହାଯାଏ। ଗର୍ଭାଧାନ ବିଷୟରେ ହିନ୍ଦୁ ଧର୍ମଶାସ୍ତ୍ରର ସ୍ମୃତିସଂଗ୍ରହରେ ଉଲ୍ଲେଖ ରହିଛି।

## ପରମାତ୍ମା ହିଁ ଶାଶ୍ୱତ ସତ୍ୟ



ଏ ସଂସାରର ଶାଶ୍ୱତ ଏକମାତ୍ର ଶାଶ୍ୱତ ସତ୍ୟ ହେଉଛନ୍ତି ପରମାତ୍ମା । ତାଙ୍କର ଦର୍ଶନ, ସ୍ପର୍ଶ ଏବଂ ତାଙ୍କ ଠାରେ ସ୍ଥିତି ପ୍ରାପ୍ତ ହେବାରୁ ଜୀବ କେତେବେଳେ ସୁଦ୍ଧା ବିଶ୍ରାମ ପାଇନଥାଏ, ଦୁଃଖରୁ ମୁକ୍ତି ଅସମ୍ଭବ ହୋଇଥାଏ । ଶ୍ରୀମଦ୍ ଭଗ୍ବତ୍ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବାଂବିଧୋର୍ଜୁନ । ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ୍ ପ୍ରବେଷ୍ଟୁଂ ଚ ପରଂତପ ।।"

ହେ ପରଂତପ ଅର୍ଜୁନ, ଅନନ୍ୟ ଭକ୍ତି ମାଧମରେ, ଅନନ୍ୟ ଅର୍ଥାତ୍ ଅନ୍ୟ କୌଣସି ଦେବା-ଦେବୀଙ୍କ ବିଷୟରେ ଚିନ୍ତା ନକରି ସମ୍ପୂର୍ଣ୍ଣ ଶ୍ରଦ୍ଧାଯୁକ୍ତ ହୋଇ ଯିଏ ମୋତେ (ପରମାତ୍ମା)ଙ୍କୁ ଭଜନ କରିଥାଏ, ତା'କୁ ପ୍ରତ୍ୟକ୍ଷ ଦର୍ଶନ ଦେବା ଲାଗି, ସ୍ପର୍ଶ କରିବା ଲାଗି ଏବଂ ସ୍ଥିତି ପ୍ରଦାନ କରିବା ଲାଗି ସବୁବେଳେ ସୁଲଭ ହୋଇଥାଏ । ତେଣୁ ପରମାତ୍ମାଙ୍କୁ ଭଜୁଥିବା ଜୀବାତ୍ମା ଶାଶ୍ୱତ ସ୍ଥିତି ପ୍ରାପ୍ତ କରିଥାଏ, ଶାଶ୍ୱତ ସ୍ୱରୂପ ପ୍ରାପ୍ତ କରିଥାଏ ଏବଂ ଶାଶ୍ୱତ ପରମଧାମ ପ୍ରାପ୍ତ କରିଥାଏ । ଗୀତା ଆପଣଙ୍କୁ ପରମାତ୍ମ-ସ୍ୱରୂପରେ ସ୍ଥିତି ପ୍ରଦାନ କରିଥାଏ । ସ୍ୱର୍ଗର ପ୍ରଲୋଭନ ଏବଂ ନର୍କର ଭୟ ଦେଖାଇ ଛାଡ଼ିଦେଇନଥାଏ । ଗୀତା ଆପଣଙ୍କୁ ଏପରି ଏକ ଜନ୍ମ ଦେଇଥାଏ, ଯାହା ପଛରେ ମୃତ୍ୟୁ ନଥାଏ। ଏପରି ଶାନ୍ତି ପ୍ରଦାନ କରିଥାଏ, ଯାହା ପଛରେ ଅଶାନ୍ତି ନଥାଏ ।

ସ୍ୱର୍ଗ ଏବଂ ନର୍କ ଏ ସଂସାରର ଦୁଇଟି ଦିଗ । ପ୍ରାରମ୍ଭିକ ସାଧକମାନଙ୍କୁ ସଚେତନ କରିବା ନିମନ୍ତେ ତଥା ପ୍ରୋତ୍ସାହିତ କରିବା ନିମନ୍ତେ ହିଁ ପୁରସ୍କାର ଏବଂ ଦଣ୍ଡସ୍ୱରୂପ ସ୍ୱର୍ଗ କିମ୍ବା ନର୍କର ପରିକଳ୍ପନା କରାଯାଇଛି । କିନ୍ତୁ ସାଧନା ପ୍ରଶସ୍ତ ହେବା ପରେ ଏହାର ଆବଶ୍ୟକତା ରହିନଥାଏ । ଭଗବାନ ସ୍ୱୟଂ ସେହି ସାଧକର ଆଙ୍ଗୁଳି ଧରି ଚଳାଇଥାନ୍ତି । ଯେପରିକି ରାମଚରିତ ମାନସରେ କୁହାଯାଇଛି- "ଉମା ରାମ ସୁଭାଉ ଜିହ୍ନ ଜାନା । ତାହି ଭଜନ ତଜି ଭାବ ନ ଆନା ।।"ଯେତେବେଳେ ଭଗବାନଙ୍କ ପ୍ରଭାବ, ତାଙ୍କର ମହିମା, ତାଙ୍କର ସ୍ୱଭାବ ଦେଖିବାକୁ ମିଳିଥାଏ ସେତେବେଳେ ଭଜନ ବ୍ୟତୀତ ଅନ୍ୟ କୌଣସିକାର୍ଯ୍ୟ ଗୁଡ଼ିକର ଲାଗିନଥାଏ ।

## ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ



ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା। ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏୟ ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏୟ ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ୍ୟ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଇ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ମଜବୁତ କରିପାରେ।

### ବିଜେପି କାର୍ଯ୍ୟାଳୟରେ 'ଅଟଳ ସମ୍ମାନ' ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ବାଜପେୟୀ ଭାରତୀୟଙ୍କ ପାଇଁ ଆଦର୍ଶ ପୁରୁଷ ଓ ପ୍ରେରଣାର ଉତ୍ସ



**ଭୁବନେଶ୍ୱର,୨୫।୧୨ (ମହାଭାରତ):** ୧୯୨୪ ଡିସେମ୍ବର ୨୫ ତାରିଖରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜନ୍ମଗ୍ରହଣ କରିଥିଲେ । କୃଷି, ବିଜ୍ଞାନ, ସୁରକ୍ଷା, ଟେଲିକମ, ଖାଦ୍ୟ ସୁରକ୍ଷା, ଶିକ୍ଷା, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ । ପ୍ରଧାନମନ୍ତ୍ରୀତ୍ୱ କାଳରେ ଅଟଳଜୀ ଦେଶରେ ସୁଶାସନ ବ୍ୟବସ୍ଥା କରିଥିଲେ । ସେଥିଲାଗି ପ୍ରତିବର୍ଷ ସାରା ଭାରତରେ ଡିସେମ୍ବର ୨୫ତାରିଖକୁ "ସୁଶାସନ ଦିବସ" ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତଃ ବାଜପେୟୀଜୀଙ୍କ ୧୦୦ ତମ ଜନ୍ମ ଦିବସ ତଥା ଜନ୍ମ ଶତବାର୍ଷିକ ପାଳନ ଅବସରରେ 'ଅଟଳ ସମ୍ମାନ -୨୦୨୪' କାର୍ଯ୍ୟକ୍ରମ ଆୟୋଜନ ହେବା ସହ ସୁଶାସନ ଦିବସ ପାଳିତ ହୋଇଥିଲା ।

ପ୍ରତିକୂଳ ପରିସ୍ଥିତିରେ ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ, ମହାନୁଭବତା, ମହନୀୟତା ତଥା ବିକାଶର ଅଭିଳାଷକୁ ବୁଣି ସାରା ଭାରତବର୍ଷକୁ ସଡ଼କ ପଥରେ ଏକାକାର କରିବାର ଯୁଗପୁରୁଷ, ସ୍ୱାଧୀନ ଭାରତବର୍ଷର ସୁଶାସନର ପ୍ରବର୍ତକ, ସାରସ୍ୱତ ସାଧକ, ପାଂଚ ଦଶନ୍ଧିର ସାଂସଦ, ଯୁଗାନ୍ତକାରୀ, ମହାମାନବ, ଭାରତରତ୍ନ ଭୁତପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଆମ ଭାରତୀୟଙ୍କ ପାଇଁ ସର୍ବଦା ଆଦର୍ଶ ପୁରୁଷ ଓ ପ୍ରେରଣାର ଉତ୍ସ ହୋଇ କାଳେ କାଳେ ରହିବେ । ନିଜର ବ୍ୟକ୍ତିତ୍ୱ ବଳରେ ବିରୋଧୀଙ୍କୁ ଆକର୍ଷିତ କରିପାରୁଥିଲେ ଅଟଳଜୀ । ଏନ୍‌ଡିଏ ମେଂଟ ଗଠନ କରି ସୁଶାସନ ଦେଇ ଉଦାହରଣ ସୃଷ୍ଟି କରିଥିଲେ । ସେଥିପାଇଁ ଅଟଳଜୀଙ୍କୁ ଅଜାତଶତ୍ରୁ ବୋଲି କୁହାଯାଉଥିଲା । ତାଙ୍କ ନୀତି ଓ ଆଦର୍ଶକୁ ଆଧାର କରି ଆଜି ବିଜେପି ବିଶ୍ୱର ସବୁଠୁ ବଡ ରାଜନୈତିକ ଦଳ ଭାବେ ଛିଡା ହୋଇଛି । ସୁଶାସକ ରୂପେ ଅଟଳଜୀ ନିଜକୁ ପ୍ରତିଷ୍ଠିତ କରାଇବାରେ ସଫଳ ହୋଇଥିବାବେଳେ ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସେହି ଧାରାକୁ ଆଗକୁ ବଢ଼ାଇ ଚାଲିଛନ୍ତି । ଦେଶର ୨୦ଟି ରାଜ୍ୟରେ ବିଜେପି ନେତୃତ୍ୱାଧିନ ସରକାର । ଦିନ ଥିଲା ଓଡିଶାକୁ ସାଇନ ବୋର୍ଡ ପାର୍ଟି କୁହାଯାଉଥିଲା । କିନ୍ତୁ ଆଜି ରାଜ୍ୟରେ ବିଜେପିର ଡବଲ ଇଂଜିନ ସରକାର । ନିର୍ବାଚନୀ ସଂକଳ୍ପପତ୍ର ଘୋଷଣାକୁ ପୁରଣ କରାଯିବ । ୨୦୩୬ ସୁଦ୍ଧା ବିକଶିତ ଓଡିଶା କରିବା ପାଇଁ ଭିଜନ-୨୦୩୬ ଲୋକଙ୍କ ପାଖରେ ସରକାର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କଂଗ୍ରେସ ସରକାର ସମୟରେ ଯେଉଁ ଭାରତୀୟ ଜନତାପାର୍ଟିକୁ ତାଚ୍ଛଲ୍ୟ କରାଯାଇଥିଲା, ଆଜି ସେହି ଦଳ ବିଶ୍ୱର ସର୍ବବୃହତ ଦଳର ମର୍ଯାଦା ଲାଭ କରିଛି । ଶ୍ରୀ ବାଜପେୟୀଙ୍କ ନେତୃତ୍ୱରେ ସୁଶାସନ କାହାକୁ କୁହାଯାଏ, ତାହା ପୁରା ବିଶ୍ୱ ଦେଖିଲା । ପୋଖରାନ ପରମାଣୁ ପରୀକ୍ଷଣ ପରେ ସମଗ୍ର ବିଶ୍ୱରୁ ଯେଉଁ କଟକଣା ଓ ଭୟ ଆଶଂକା ପ୍ରକାଶ ପାଇଥିଲା, ସେ ସମସ୍ତ ଆହ୍ୱାନକୁ ଦୃଢତାର ସହ ସାମନା କରିଥିଲେ ଅଟଳଜୀ । ଭିତିଭୂମି ପ୍ରତିଷ୍ଠା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିଲେ । ରେଳ, ରାସ୍ତା ଓ ଟେଲିଫୋନ ସଂଯୋଗୀକରଣକୁ ଚରମ ଶିଖରରେ ପହଂଚାଇଲେ । ଓଡ଼ିଶାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ୱର୍ଗତ ବାଜପେୟୀ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକିତ୍ୱ ଥିଲେ । "ଅନ୍ଧାକାର ଦୂର ହେବ, ସୂର୍ଯ୍ୟ ଉଦୟ ହେବ, ପଦ୍ମ ଫୁଟିବ ଏବଂ ଭାରତୀୟ ଜନତା ପାର୍ଟି ସ୍ୱଷ୍ଟ ବହୁମତରେ ସରକାର ଗଠନ କରିବ" । ସ୍ୱର୍ଗତଃ ଅଟଳଜୀଙ୍କ ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇଛି । କ୍ଷମତାରେ ରହିବା ପାଇଁ କେବେ ନୈତିକତା ଓ ଆଦର୍ଶ ସହ ସାଲିସ କରି ନଥିବା ଅଟଳଜୀ କୃଷକମାନଙ୍କୁ ଦୁଃଖକୁ ଭଲଭାବେ ହୃଦୟଙ୍ଗମ କରିପାରିଥିଲେ । ସେ କୃଷକମାନଙ୍କ ପାଇଁ କିଶାନ କ୍ରେଡିଟ୍ କାଡ୍ ଓ ଫସଲବୀମା ଯୋଜନା ଆରମ୍ଭ କରିଥିଲେ । ସେ କେବେ କାହାର ଚାପରେ ଆସୁ ନଥିଲେ । ପରମାଣୁ ପରୀକ୍ଷଣ ଆରମ୍ଭ କରି କାର୍‌ଗିଲ୍ ଯୁଦ୍ଧ ପର୍ଯ୍ୟନ୍ତ ସବୁଥିରେ ସଫଳ ହୋଇଥିଲେ । ବିକଶିତ ଭାରତ ଗଢ଼ିବା ପାଇଁ ସେ ଯେଉଁ ପ୍ରୟାସ କରିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ତାହାକୁ ପୂରଣ କରି ଚାଲିଛନ୍ତି । ସ୍ୱର୍ଗତ ବାଜପେୟୀଙ୍କ ମାର୍ଗରେ ଆମେ ସମସ୍ତେ ଆଗକୁ ବଢ଼ିବା ଆବଶ୍ୟକ ବୋଲି ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର କହିଛନ୍ତି ।

କାର୍ଯ୍ୟକ୍ରମ ଅବସରରେ ଅଟଳଜୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଏବଂ ବାଜପେୟୀଜିଙ୍କ ବାଲୁକା କୃତିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଜେପି ରାଜ୍ୟ ସଭାପତି ଶ୍ରୀଯୁକ୍ତ ବିମ୍ବାଧର କୁଅଁରଙ୍କୁ ୯ମ "ଅଟଳ ସମ୍ମାନ -୨୦୨୪"ରେ ସମ୍ମାନିତ କରାଯାଇଥିଲା । ବିଶିଷ୍ଟ କବୟତ୍ରୀ କାନନବାଳା ପଟ୍ଟନାୟକଙ୍କୁ "ଅଟଳ କବିତା ସମ୍ମାନ -୨୦୨୪"; ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ "ଅଟଳ ସାମ୍ବାଦିକ ସମ୍ମାନ-୨୦୨୪" ଏବଂ ବିଶିଷ୍ଟ ସମାଜସେବୀ ରୁଦ୍ର ନାରାୟଣ ମହାପାତ୍ରଙ୍କୁ "ଅଟଳ ସେବା ସମ୍ମାନ -୨୦୨୪"ରେ ସମ୍ମାନିତ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, ରାଜ୍ୟ ପ୍ରଭାରୀ, ପୂର୍ବତନ ରାଜ୍ୟ ସଭାପତି ପ୍ରମୁଖ ଉପଢୌକନ, ମାନପତ୍ର, ଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ଅଟଳ ସମ୍ମାନ-୨୦୨୪' କାର୍ଯ୍ୟକ୍ରମକୁ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପିଙ୍କି ପ୍ରଧାନ, ପଂଚାନନ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ଅମିତ ଶାହା ଇସ୍ତଫା ଦାବିରେ କଂଗ୍ରେସର ଧାରଣା



**ଭୁବନେଶ୍ୱର,୨୫।୧୨ (ମହାଭାରତ):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଡଃ ଭିମ ରାଓ ଆମ୍ବେଦକରଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ଏହାର ଦୃଢ଼ ନିନ୍ଦା କରିବା ସହିତ କ୍ଷୋଭ ପ୍ରକାଶ କରିଛି । ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ଏଜି ଛକ ଠାରେ ଥିବା ଡ଼ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ବିଶାଳ ଶୋଭାଯାତ୍ରା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବିଶାଳ ଗଣଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଂଗ୍ରେସ ନେତୃବୃନ୍ଦ ସମ୍ବିଧାନ ପ୍ରଣେତା ଡଃ ଆମ୍ବେଦରଙ୍କର ଦେଶ ପ୍ରତି ଥିବା ତ୍ୟାଗ ଓ ବଳିଦାନକୁ ସ୍ଲୋଗାନ ମାଧ୍ୟମରେ ଏବଂ ନିଜ ଅଭିଭାଷଣ ରେ ପ୍ରଦାନ କରି ଏଭଳି ଅଶାଳିନ ମନ୍ତବ୍ୟ ଦେଇ ଘୃଣ୍ୟ କର୍ମ କରିଥିବା ଗୃହମନ୍ତ୍ରୀ ଅମିତ ଶାହାଙ୍କର ଇସ୍ତଫା ଦାବି କରିଥିଲେ ।

# ଉତ୍ସର୍ଗୀକୃତ ସେବା ପାଇଁ ୫ ରେଳ କର୍ମଚାରୀ ପୁରସ୍କୃତ

**ଭୁବନେଶ୍ୱର,୨୫।୧୨ (ମହାଭାରତ):** ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନ ଠାରେ ଆୟୋଜିତ ଏକ ମହତ୍ତ୍ୱପୂର୍ଣ୍ଣ ସମାରୋହରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ୍ କର୍ତବ୍ୟରତ ଥିବା ସମୟରେ ଅଭୂତପୂର୍ବ ସଚେତନତା ଏବଂ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପାଂଚଜଣ ଆଦର୍ଶ ରେଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରମୁଖ ଘଟଣାକୁ ଅଟକାଇବାରେ, ଟ୍ରେନ୍ ସେବାଗୁଡିକର ନିରାପତ୍ତା ଏବଂ ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବାରେ ସେମାନଙ୍କର ଦ୍ରୁତ କାର୍ଯ୍ୟଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ସମାରୋହରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ପ୍ରମୁଖ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ମିଳିତ ଭାବରେ ସେମାନେ ପୂର୍ବତଟ ରେଳପଥ ମଧ୍ୟରେ ସର୍ବୋଚ୍ଚ ନିରାପତ୍ତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷର ମାନ ବଜାୟ ରଖିବା ପାଇଁ ସାମୂହିକ ପ୍ରତିବଦ୍ଧତାକୁ ଆଲୋକିତ କରିଥିଲେ । ସମ୍ମାନଜନକମାନଙ୍କ ମଧ୍ୟରେ ବିଜୟନଗରମ ସ୍ଥିତ କ୍ୟାରେଜ ଓ ୱାଗନ ବିଭାଗର ଟେକ୍ନିସିଆନ୍ ଗ୍ରେଡ୍-୨ ଶ୍ରୀମତୀ ସିଏଚ ହରିଥା ଏବଂ ଟେକ୍ନିସିଆନ୍ ଗ୍ରେଡ୍-୧ ଶ୍ରୀମତୀ କେ. ଅରୁଣା; ରାଜମହେନ୍ଦ୍ରୀ ସ୍ଥିତ ପଣ୍ୟବାହୀ ଟ୍ରେନ ମ୍ୟାନେଜର ଗିଦିଜାଲା ରମେଶ; କୁନେରୁ ଷ୍ଟେସନରେ କାର୍ଯ୍ୟରତ ପଏଂଟସମ୍ୟାନ-ବି ଡୁବା ଚରଣ କୁମାର, ଏବଂ ଅନୁଗୁଳରେ କାର୍ଯ୍ୟରତ ଟ୍ରାକ୍ ମେଂଟଣର-୨ ଜ୍ଞାନେନ୍ଦ୍ର କୁମାର ମହାକୁଡ । ଏହି ସମ୍ବର୍ଦ୍ଧନା ସଭାରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ରେଳ କର୍ମଚାରୀଙ୍କ ନିଷ୍ଠାପର ଉତ୍ସର୍ଗକୁ ପ୍ରଶଂସା କରିଥିଲେ, ଯେଉଁଥିରେ ଟ୍ରେନର ନିରାପଦ ତଥା କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିରନ୍ତର ପରିଶ୍ରମ କରୁଥିବା ଗ୍ୟାଙ୍ଗମେନ, ଟ୍ରଲିମେନ, ଗେଟମେନ, ଓଏଚଇ ଟେକ୍ନିସିଆନ, ଟୋକେନ୍ ପୋର୍ଟର ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କର୍ମଚାରୀମାନଙ୍କର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର କଠିନ ପରିଶ୍ରମକୁ ସ୍ୱୀକାର କରିବା ସମ୍ବନ୍ଧରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ ।



# କଂଗ୍ରେସର ଆମ୍ବେଦକର ସମ୍ମାନ ଯାତ୍ରା

**ଭୁବନେଶ୍ୱର,୨୫।୧୨ (ମହାଭାରତ):** ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ପ୍ରତି ରାଜ୍ୟସଭାରେ ଗୃହମନ୍ତ୍ରୀ ଅମିତ ଶାହା ଦେଇଥିବା ଅରୁଚିକର ଓ ଅସାମ୍ବିଧାନିକ ବୟାନ ସମ୍ବିଧାନକୁ ମାନୁଥିବା ଓ ଭଲ ପାଉଥିବା ସମସ୍ତ ଭାରତବାସୀଙ୍କୁ ବ୍ୟଥିତ କରିଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଜେପି ଓ ଏହାର ନେତାମାନଙ୍କର ଅସଲ ମାନସିକତା, ଅମିତ ଶାହାଙ୍କ ବୟାନ ସମ୍ବିଧାନୀ, ଗଣତନ୍ତ୍ର, ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିରୋଧୀ ବୋଲି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା କହିଛନ୍ତି । ଶ୍ରୀ ଉଲାକା ଆହୁରି ମଧ୍ୟ କହିଛନ୍ତି ଯେ, ଆରଏସ୍‌ଏସ୍ ପ୍ରମୁଖ ଏକ ମଂଚରେ କହିଥିଲେ ଯେ, ସମ୍ବିଧାନରେ କିଛି ଭାରତୀୟତା ନାହିଁ । ଏହି ବୟାନ ବିଜେପି ଓ ଆରଏସ୍‌ଏସ୍ ସମ୍ବିଧାନ ବିରୋଧୀ ବୋଲି ପ୍ରମାଣ ଦେଉଛି । ସେଥିପାଇଁ ଆମ୍ଭେ ସମ୍ବିଧାନ ବ ାଇବା ପାଇଁ ଲଢେଇ କରୁଛୁ ଓ ଜାତିଗତ ଜନଗଣନା କରିବା ପାଇଁ ଦାବି ଉପସ୍ଥାପନା କରୁଅଛୁ । ବାବା ସାହେବ ଆମ୍ବେଦକର ଆମପାଇଁ ଭଗବାନ, ଯଦି ନେହେରୁ, ପଟେଲ, ଆମ୍ବେଦକର ନଥାନ୍ତେ, ତେବେ ମୋ ପରି ଜଣେ ଆଦିବାସୀ କୋରାପୁଟରୁ ସାଂସଦ ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରି ନଥାନ୍ତି । ଅମିତ ଶାହାଙ୍କ ବୟାନକୁ ସଠିକ୍ ଦର୍ଶାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ୬ଟି ଟୁଇଟ୍ ପ୍ରତିଟି ଭାରତୀୟଙ୍କୁ ନିରାଶ କରିଛି । ଏପର୍ଯ୍ୟନ୍ତ ଶ୍ରୀ ଶାହା ନା କ୍ଷମା ପ୍ରାର୍ଥନା କରୁଛନ୍ତି ନା ନିଜର ମତକୁ ପ୍ରତ୍ୟାହାର କରୁଛନ୍ତି ।

# ଶିଶୁ ଶ୍ରମ ଉପରେ କର୍ମଶାଳା

**ଭୁବନେଶ୍ୱର,୨୫।୧୨ (ମହାଭାରତ):** ସଚେତନତା, ଦକ୍ଷତା ବୃଦ୍ଧି ଓ ବିଭିନ୍ନ ବିଭାଗ ଗୁଡିକ ମଧ୍ୟରେ ସମନ୍ୱୟ ମାଧ୍ୟମରେ ସମାଜରୁ ଶିଶୁଶ୍ରମର ବିଲୋପ ସମ୍ଭବ ବୋଲି ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଥିବା ଏକ ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳାର ରେ ଭାଗନେଇ ବିଶିଷ୍ଟ ବକ୍ତା ମାନେ ମତଦେଇଥିଲେ । କର୍ମଶାଳାରେ ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତୀ ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସମାଜରୁ ଶିଶୁଶ୍ରମର ବିଲୋପ ନିମନ୍ତେ ସବୁ ସ୍ତରରେ ଉଦ୍ୟମ ହେବା ନିତ୍ୟାନ୍ତ ଆବଶ୍ୟକ । କର୍ମଶାଳାରେ ଯୋଗଦେଇ ଖୋର୍ଦ୍ଧା ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷା ରଞ୍ଜିତା ପଣ୍ଡା ନିଜ ବକ୍ତବ୍ୟରେ ସରକାର, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ତଥା ସମସ୍ତଙ୍କର ମିଳିତ ଉଦ୍ୟମରେ ସମାଜରୁ ଶିଶୁ ଶ୍ରମର ବିଲୋପ ସମ୍ଭବ ବୋଲି ନିଜ ମତ ଦେଇଥିଲେ ।

# ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ

**ଭୁବନେଶ୍ୱର,୨୫।୧୨ (ମହାଭାରତ):** ଜଳ ସମ୍ପଦ ବିଭାଗ ତରଫରୁ 'ପାଣି ପଂଚାୟତ ପକ୍ଷ-୨୦୨୫', ଡିସେମ୍ବର ୨୨ ରବିବାର ଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୨୦୨୫ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେରାଜ୍ୟର ୧୩୬ଟି ଡିଭିଜନରେ ଡିଭିଜନସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନର ଶୁଭାରମ୍ଭ କରାଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଗାମୀ ଡିସେମ୍ବର ୨୯ ତାରିଖ ଏବଂ ଏବଂ ରାଜ୍ୟସ୍ତରୀୟ ସମାରୋହ ୫ଜାନୁଆରୀ ୨୦୨୫ରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ପାଣି ପଂଚାୟତର କୃଷକ ଓ ସଦସ୍ୟମାନଙ୍କ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା କରିବା ପାଇଁ ଜଳସମ୍ପଦ ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀ ସଂପଦ ଭଳି ସଂପୃକ୍ତ ଅନ୍ୟ ସମସ୍ତ ବିଭାଗର ସହଯୋଗ ନିମନ୍ତେ ପାଣି ପଂଚାୟତ ପକ୍ଷ 'କୃଷି ଓଡ଼ିଶା' ସହିତ ଏକାଠି ଅନୁଷ୍ଠିତ ହେବ । ପାଣି ପଂଚାୟତ ପକ୍ଷ ପାଳନ ପରିପ୍ରେକ୍ଷୀରେ ବ୍ୟାନର,ପ୍ରଚାର ପତ୍ର, ଲୋଗୋ, ସ୍ଲୋଗାନ, ଟ୍ୟାଗ୍ ଲାଇନ୍ ବ୍ୟବହାର ସହ କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରସ୍ତୁତ ସଙ୍ଗୀତ ଏବଂ ଶପଥ ଇତ୍ୟାଦି ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଡିଭିଜନସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ ଅବସରରେ ସଂପୃକ୍ତ ଅଂଚଳର ମାନ୍ୟବର ମନ୍ତ୍ରୀ, ମାନ୍ୟବର ସାଂସଦ, ମାନ୍ୟବର, ବିଧାୟକ, ସ୍ଥାନୀୟ ପଂଚାୟତିରାଜ ପ୍ରତିନିଧି, ସହରାଂଚଳ ସ୍ଥାନୀୟ ଜନପ୍ରତିନିଧି ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସାମିଲ କରାଯାଇଛି । ଆରମ୍ଭ ହୋଇଥିବା ପାଣି ପଂଚାୟତ ପକ୍ଷର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନୁଗୋଳ, ଭଦ୍ରକ,କାମାକ୍ଷାନଗର, ପାରଳାଖେମୁଣ୍ଡି, ଜଗତସିଂହପୁର, ପାଟଣା, ଆନନ୍ଦପୁର, ବାଙ୍ଗିରିପୋଷି, ଯଶୀପୁର, ମାଲକାନଗିରି, ଖରିଆର, ଗୁଣପୁର, କଂଟାମାଳ, ନବରଙ୍ଗପୁର ଓ କୋରେଇର ମାନ୍ୟବର ବିଧାୟକମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ପତାକା ଦେଖାଇ ପାଣି ପଂଚାୟତ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହାବ୍ୟତୀତ ଦେବଗଡ଼, ଗଜପତି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ସୁନ୍ଦରଗଡ଼ ସମେତ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳମାନେ ମଧ୍ୟ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । ଏହିପରିପ୍ରେକ୍ଷୀରେବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, ମଡେଲ ପ୍ରଦର୍ଶନ ଭଳି ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ସମସ୍ତ ଜିଲ୍ଲାସ୍ତରରେ ମଧ୍ୟ ଅନୁଷ୍ଠିତ ହେବ ।

### ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀ

# ୨୦୩୦ ସୁଦ୍ଧା ୭.୫ଗିଗାୱାଟ ଶକ୍ତି ଉତ୍ପାଦନ ଲକ୍ଷ୍ୟ

**ଭୁବନେଶ୍ୱର,୨୫।୧୨ (ମହାଭାରତ):** ଗ୍ରିଡକୋ ଏବଂ ଆଇଫରେଷ୍ଟ ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆଜି ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀର ଆୟୋଜନ ହୋଇଥିଲା କ୍ଷ ଏହି ସମ୍ମିଳନୀର ଆୟୋଜନ ୨୦୩୦ ସୁଦ୍ଧା ୭.୫ ଗିଗା ୱାଟ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ହାସଲ ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଇଛି । ଏହା ରାଜ୍ୟର ୧୦.୯୫ ଗିଗା ୱାଟ ଭଳି ବୃହତ ଲକ୍ଷ୍ୟ ପୂରଣରେ ସହାୟକ ହେବ । ଏହି ନିବେଶକ ସମ୍ମିଳନୀରେ ୧୫୦ ରୁ ଊର୍ଦ୍ଧ୍ୱ ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରୁ ଉପଭୋକ୍ତା, ୧୦୦ରୁ ଅଧିକ ସୌରଶକ୍ତି ଉତ୍ପାଦନକାରୀ ସଂସ୍ଥା ଓ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରି ଓଡ଼ିଶାକୁ ସୌରଶକ୍ତିର ହବ୍‌ରେ ପରିଣତ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ ।

ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ ଯେ, ଓଡ଼ିଶା ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ । ଅକ୍ଷୟ ଶକ୍ତିରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବ । ନିବେଶକଙ୍କ ପାଇଁ ଓଡ଼ିଶାର ଜଳବାୟୁ ମଧ୍ୟ ଅନୁକୂଳ ଏବଂ ଆବଶ୍ୟକୀୟ ସହାୟତା ମଧ୍ୟ ଆମେ ଯୋଗାଇଦେବା ପାଇଁ ପ୍ରସ୍ତୁତ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମଧ୍ୟ ୨୦୭୦ ସୁଦ୍ଧା ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ ଦିଗରେ ପ୍ରେରିତ କରିଛନ୍ତି ।

ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ସମ୍ମିଳନୀରେ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ ଯେ, ଓଡ଼ିଶା ଶକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦିଗରେ ଆଗେଇ ଚାଲିଛି । ବିଶ୍ୱରେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ସୁଲଭ ଉପାୟରେ ଶକ୍ତି ଉତ୍ପାଦନକୁ ପ୍ରାଥମିକତା ଦିଆଯାଉଛି । ଏହା ପରିବେଶ ଓ ଜଳବାୟୁ ପ୍ରତି ଥିବା ଆମ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ।

ମୋଟ ୨୯୩୮ ମେଗା ୱାଟର ଅକ୍ଷୟ ଶକ୍ତିରୁ ୨୧% କେବଳ ସୌର ଶକ୍ତିରୁ ରହିଛି । ଏଥିରେ ୫୦୮ ମେଗା ୱାଟ ଗ୍ରାଉଣ୍ଡ- ମାଉଂଟେଡ, ୫୮ ମେଗା ୱାଟ ରୁଫଟପ୍ ଏବଂ ୪୨ ମେଗା ୱାଟ କ୍ଷମତା ବିଶିଷ୍ଟ ଅଫ୍ ଗ୍ରୀଡ ସୌର ଶକ୍ତି ଅନ୍ତର୍ଭୁକ୍ତ । ୧୩୪୩ ମେଗା ୱାଟ ଅକ୍ଷୟ ଶକ୍ତିରୁ ୨୮% କାର୍ଯ୍ୟର ଅଗ୍ରଗତି ଜାରି ରହିଛି । ଶ୍ରେଷ୍ଠ ଜିଲ୍ଲା ମଧ୍ୟରେ ସୁନ୍ଦରଗଡ଼, ଅନୁଗୁଳ, ବଲାଙ୍ଗିର, ଝାରସୁଗୁଡ଼ା ଓ ଢେଙ୍କାନାଳ ପ୍ରମୁଖ ରହିଛି । ଆଜିର ସମ୍ମିଳନୀ ୨୦୨୫ ରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ସମ୍ମିଳନୀର ପୂର୍ବ ଅଧ୍ୟାୟ ଅଟେ । ବର୍ତ୍ତମାନ ରାଜ୍ୟରେ ୨୦୦ ଗିଗା ୱାଟର ସମ୍ଭାବନା ରହିଥିବାବେଳେ ଆଗାମୀ ଦିନରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଆହୁରି ଅଭିବୃଦ୍ଧି ଘଟିବ ବୋଲି ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଛନ୍ତି । ଏକ ସବୁଜ ଅର୍ଥନୀତି ଗଠନ ସକାଶେ ସବୁଜ ପରିବେଶର ଆବଶ୍ୟକ ଏବଂ ସ୍ୱଚ୍ଛ ଶକ୍ତି ହେଉଛି ଏହାର ପ୍ରମୁଖ ସ୍ରୋତ । ବର୍ତ୍ତମାନଠାରୁ ଆଗାମୀ ପାଂଚବର୍ଷ ମଧ୍ୟରେ ଅକ୍ଷୟ ଶକ୍ତିର ଚାହିଦା ବୃଦ୍ଧି ହେବ ବୋଲି ଆଇଫରେଷ୍ଟର ସିଇଓ ଏବଂ ସଭାପତି ଡ଼ ଚନ୍ଦ୍ରଭୂଷଣ ଉଲ୍ଲେଖ କରିଥିଲେ । ଆଗାମୀ ଦିନରେ ଓଡ଼ିଶାକୁ ଅକ୍ଷୟ ଶକ୍ତିର ଭଣ୍ଡାର କରିବା ଦିଗରେ ଏହି ସମ୍ମିଳନୀ ଓଡ଼ିଶା ପାଇଁ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରିବ ଏବଂ ପୁଞ୍ଜିବିନିଯୋଗକୁ ପ୍ରୋତ୍ସାହିତ କରିବ ।

# ଆଇଆଇଟିରେ ଡିଜାଇନ୍ ଚିନ୍ତାଧାରା ଏବଂ ଅଟଳ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୫।୧୨ (ମହାଭାରତ):** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ "ଡିଜାଇନ୍ ଚିନ୍ତାଧାରା ଏବଂ ନବସୃଜନ" ଉପରେ ଏଆଇସିଟିଇ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ (ଏଫ୍‌ଡିପି) ଆୟୋଜିତ ହେଉଛି ଯାହା ୨୩ ଡିସେମ୍ବର ୨୦୨୪ ରେ ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆଜି ଆଇଆଇଟି ଭୁବନେଶ୍ୱରର ଡିନ୍ (ନିରନ୍ତର ଶିକ୍ଷା) ପ୍ରଫେସର ଭି. ପାଣ୍ଡୁ ରଙ୍ଗା ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ପୁଣ୍ୟଶ୍ରୀ ପଣ୍ଡା, ଆସୋସିଏଟ୍ ପ୍ରଫେସର, ମାନବିକତା, ସାମାଜିକ ବିଜ୍ଞାନ ଏବଂ ପରିଚାଳନା ସ୍କୁଲ ତଥା ସହ-ସଂଯୋଜକ ଡକ୍ଟର ଦୁଖବନ୍ଧୁ ସାହୁ, ମାନବିକତା, ସାମାଜିକ ବିଜ୍ଞାନ ଏବଂ ପରିଚାଳନା ସ୍କୁଲର ମୁଖ୍ୟ ଉପସ୍ଥିତ ଥିଲେ ।ବ୍ୟବସାୟିକ ଚିନ୍ତାଧାରା ସହିତ ଡିଜାଇନ୍ ଚିନ୍ତାଧାରା ଏବଂ ନବସୃଜନକୁ ଏକତ୍ର କରିବାର ଜଟିଳତା ବିଷୟରେ ଶିକ୍ଷାବିତ୍ ଏବଂ ଅଂଶଗ୍ରହଣକାରୀମାନଙ୍କୁ ତାଲିମ ଦେବା ପାଇଁ ଏହି ଏଫ୍‌ଡିପିର ଉଦ୍ଦେଶ୍ୟ ।

# ବିଜେପିରେ ମିଶିଲେ ଧର୍ମଶାଳାର ବିଜେଡ଼ି ନେତା ଓ କର୍ମୀ

**ଭୁବନେଶ୍ୱର,୨୫।୧୨ (ମହାଭାରତ):** ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି । ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି ।

ବିଜେଡି ଉପରୁ ଆସ୍ଥା ହରାଇ ଆଜି ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ସରପଂଚ ନାଜବୁନ୍ ବେଗମ୍, ସୁନାକର ବେହେରା, ନିମାଇଁ ମଲ୍ଲିକ, ସୁରେନ୍ଦ୍ର ଥିଆଡି, ଚନ୍ଦନ କୁମାର ରାଉତ, ଜିତେନ୍ଦ୍ର କୁମାର ପାତ୍ର, ସୁମିତ୍ରା ସ୍ୱାଇଁ, ସରୋଜିନୀ ନାୟକ, ପ୍ରଶାନ୍ତ କୁମାର ରାଉତ ଆଜି ବିଜେଡି ଦଳ ତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଯାଜପୁର ଜିଲ୍ଲା ବିଜୁ ଯୁବଜନତା ଦଳର ସାଧାରଣ ସମ୍ପାଦକ ଗୌତମ ସାହୁ, ସମ୍ପାଦକ ମଦନ ମୋହନ ନାୟକ, ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ ବିଜେପିରେ ସାମିଲ ହୋଇଛନ୍ତି । କୋଟାପୁର ପଂଚାୟତର ବିଜେଡି ବରିଷ୍ଠ କାର୍ଯ୍ୟକର୍ତା ଅନୁଜ କୁମାର ଜେନା, ସମରେନ୍ଦ୍ର ଜେନା, କେଦାର ରାୟ, ଭୁବନ ଗ୍ରାମ ପଂଚାୟତର ବିଜେଡି ଯୁବ ସଭାପତି ରାଜେଶ ତ୍ରିପାଠୀଙ୍କ ସମେତ ଉତରପ୍ରତାପ ଓ ଚୋରାମୁହାଣ ପଂଚାୟତର ୱାର୍ଡ ମେମ୍ବରଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ହିମାଂଶୁ ଶେଖର ସାହୁ, ସଜ୍ଜନ ଶର୍ମା, ଗୌତମ ରାୟ, ଅଶୋକ ମିଶ୍ର, ସବିତା ନନ୍ଦ, ବବିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଇଣ୍ଡିମେଣ୍ଟରେ ବୁଝାମଣା

ଦିଲ୍ଲୀରେ କ୍ଷମତାସୀନ ଆପର କିଛିଟା ପ୍ରଭାବ ହରିୟାନାରେ ରହିଛି। କାରଣ ହରିୟାନା ଦିଲ୍ଲୀ ସୀମାକୁ ଲାଗିଛି। ଅରବିନ୍ଦ କେଜରିୱାଲଙ୍କ ଜନ୍ମ ହରିୟାନାରେ। ତେଣୁ ହରିୟାନାରେ ଆପ ସହ ଆସନ ବୁଝାମଣା କଂଗ୍ରେସ ପାଇଁ ରାଜନୈତିକ ଦୃଷ୍ଟିରୁ ଲାଭଜନକ ହୋଇପାରିଥାଆନ୍ତା। ସେଥିପାଇଁ ଦିଲ୍ଲୀ ସୀମାକୁ ଲାଗିଥିବା କିଛି ବିଧନସଭା ଆସନକୁ କଂଗ୍ରେସ ଆପ ସପକ୍ଷରେ ଛାଡ଼ିଦେବାକୁ ପ୍ରସ୍ତାବ ଆସିଥିଲା। କିନ୍ତୁ ଅତ୍ୟଧିକ ଆତ୍ମବିଶ୍ୱାସ କଂଗ୍ରେସ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା। ଅରବିନ୍ଦ କେଜରିୱାଲ ଏବଂ ରାହୁଲ ଗାନ୍ଧି ଏକାଠି ହୋଇ ଏଥିଲାଗି ସହମତ ହୋଇଥିଲେ। କିନ୍ତୁ କଂଗ୍ରେସର ରାଜ୍ୟସ୍ତରୀୟ ନେତାମାନେ ଏଥିରେ ପ୍ରତିବନ୍ଧକ ସୃଷ୍ଟି କଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଡା ଆପ ସହ ଆସନ ବୁଝାମଣାକୁ ତୀବ୍ର ବିରୋଧ କଲେ। ତେଣୁ ଦୁଇ ଦଳ ମଧ୍ୟରେ ମେଣ୍ଟ ସମ୍ଭବ ହେଲା ନାହିଁ। ଯଦି କଂଗ୍ରେସ ଓ ଆପ ଆସନ ବୁଝାମଣା ହୋଇଥାଆନ୍ତା ତେବେ ବିଜେପିର ଆସନ ହ୍ରାସ ପାଇଥାଆନ୍ତା। କେବଳ ଆପ ନୁହେଁ, ଜେଜେପି ଭଳି ଆଉ କିଛି ଦଳ ସହ ମଧ୍ୟ କଂଗ୍ରେସ ଆସନପ ବୁଝାମଣା କରିଥିଲେ ଫଳାଫଳ ଭିନ୍ନ ହୋଇଥାଆନ୍ତା ବୋଲି କୁହାଯାଉଛି। କିନ୍ତୁ ତାହା ଏବେ ଇତିହାସ। ଏବେ କଂଗ୍ରେସକୁ ଏହାର ଔଷଧ ଫେରାଇବାର ପାଳି ଆପର। ଆଗାମୀ ଫେବୃଆରୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସ ବା ଅନ୍ୟ କୌଣସି ଦଳ ସହ ଆସନ ବୁଝାମଣା ହେବ ନାହିଁ ଏବଂ ଦିଲ୍ଲୀରେ ଆପ ଏକାକି ଲଢ଼ିବ ବୋଲି ଘୋଷଣା କରିଛି। ଆପ ଏବେ ଦିଲ୍ଲୀରେ କ୍ଷମତାସୀନ ରହିଛି। ୨୦୧୪ରୁ ଆପ ଦିଲ୍ଲୀରେ ଏକାକି ଲଢ଼ି ବିଧାନସଭା ନିର୍ବାଚନରେ ଏକାକି ଲଢ଼ି ସଫଳତା ପାଇ ଆସୁଛି। କଂଗ୍ରେସ ଦିଲ୍ଲୀରେ ଏକରକମ ମୂଳପୋଛ ହୋଇଯାଇଛି। ବିଗତ ଦୁଇଟି ନିର୍ବାଚନରେ କଂଗ୍ରେସ ଦିଲ୍ଲୀରେ ଗୋଟିଏ ହେଲେ ବିଧାନସଭା ଆସନରେ ବିଜୟୀ ହୋଇପାରିନାହିଁ। ତେଣୁ କଂଗ୍ରେସ ଏବେ ଆପ ସହ ଆସନ ବୁଝାମଣା କରିବାକୁ ଆଗ୍ରହୀ। କିନ୍ତୁ ଆପ ଏହାକୁ ଅଗ୍ରାହ୍ୟ କରିଛି। ଦିଲ୍ଲୀରେ ବିଜେପି ଓ ଆପ ମଧ୍ୟରେ ମୁକାବିଲା ହୋଇଆସୁଛି। କଂଗ୍ରେସ ଅଧିକାଂଶ ଆସନରେ ତୃତୀୟ ସ୍ଥାନରେ ରହୁଛି। ଆପ ଏକାକି ବିଜେପିକୁ ପରାଜିତ କରିବାକୁ ସମର୍ଥ ବୋଲି କହିଛି। ଆପର ଏହି ଆତ୍ମବିଶ୍ୱାସ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। କିନ୍ତୁ ଏହା ସତ୍ତ୍ୱେ ଆପ କେବଳ କଂଗ୍ରେସ ବିରୋଧରେ ଯେସାକୁ ତେସା ନୀତି ଆପଣାଇବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ବର୍ଷ ବିହାର ବିଧାନସଭା ନିର୍ବାଚନ ହେବ। ସେହି ନିର୍ବାଚନରେ ମଧ୍ୟ ଏଭଳି କିଛି ଦଳ ଅଛନ୍ତି ଯେଉଁମାନେ କି କଂଗ୍ରେସ ପାଇଁ କଣ୍ଟା ହୋଇପାରନ୍ତି। ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟୀ ରାଜ୍ୟର ସମସ୍ତ ଆସନରେ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଛି। ଏହା ଇଣ୍ଡିମେଣ୍ଟ ପାଇଁ ଚିନ୍ତାର କାରଣ ହୋଇପାରେ। ଇଣ୍ଡିମେଣ୍ଟରେ କଂଗ୍ରେସ ସହିତ ଅନେକ ଅଂଶୀଦାର ଦଳ ରହିଛନ୍ତି। କିନ୍ତୁ ସବୁ ରାଜ୍ୟରେ ଏସବୁ ଦଳର ପ୍ରଭାବ ନାହିଁ। ବିହାରରେ ଆରଜେଡି ଏକ ପ୍ରମୁଖ ଦଳ। କିନ୍ତୁ ଅନ୍ୟ ରାଜ୍ୟରେ ଏହାର ପ୍ରଭାବ ନାହିଁ। ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟୀ ଏକ ରାଜନୈତିକ ଶକ୍ତି। କିନ୍ତୁ ବିହାରରେ ଏହା ପ୍ରଭାବ ଶୂନ୍ୟ। ତେଣୁ କଂଗ୍ରେସ ୟୁପିରେ ଆରଜେଡି ଏବଂ ବିହାରରେ ସମାଜବାଦୀ ପାର୍ଟୀ ସହ ଆସନ ବୁଝାମଣା କରିବାକୁ ଆଗ୍ରହୀ ନୁହେଁ। ଏହା ମଧ୍ୟ ସ୍ୱାଭାବିକ। ଏଭଳି ପରିସ୍ଥିତିରେ ଇଣ୍ଡିମେଣ୍ଟରେ ଏକ ବ୍ୟାପକ ବୁଝାମଣା ହେବା କଥା। ଭିନ୍ନ ଭିନ୍ନ ରାଜ୍ୟରେ ଇଣ୍ଡିମେଣ୍ଟର ଅଂଶୀଦାର ଦଳ ମଧ୍ୟରେ କିପରି କେଉଁ ଆଧାରରେ ବୁଝାମଣା ହୋଇପାରିବ ତାହା ନୀତିଗତ ଦୃଷ୍ଟିରୁ ସ୍ପଷ୍ଟ ହେବା କଥା।

# “ ଦେଖିବାକୁ ସୁନାପରି

**॥ ଅଜୟ କୁମାର ବେହେରା ॥**

*ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି।*

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଜରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୁ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆଖି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତତ୍କାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଲର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।


‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


# ସତ୍‌ସଙ୍ଗର ଆହ୍ୱାନ : ସତ୍‌ସଙ୍ଗୀ ସାବଧାନ

**॥ ଉମେଶ ଚନ୍ଦ୍ର ପାତ୍ର ॥**

ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ - ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ। ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ - ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ - ସେ ଚାହେଁ ପ୍ରତ୍ୟେକଟି ଲୋକ - ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦାମ ଆହ୍ୱାନରେ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା। ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା’ ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା। ଆଉ ମା’ କେବଳ ମା’ - କାମିନୀ ନୁହେଁ। ମା’ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ। ସାବଧାନ! ମା’କୁ ମାଗୀ ଭାବି ମରନାହିଁ। ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। ସାବଧାନ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା’ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ। ଯେତେପାର ସେବା କର, କିନ୍ତୁ ସାବଧାନ! ସେବା ନେବାକୁ ଯେପରି ଇଚ୍ଛା ନହୁଏ। ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ। ଯଦି ଭୁଲ କହିଥାଅ, ସାବଧାନ! ଭୁଲ କରନାହିଁ। ପୁଣି ସେହି ସତର୍କ ବାଣୀ - ଖବରଦାର୍, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ। ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ। ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ। ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ। ସାବଧାନ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ। ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ। ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ। ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ। ବିଶ୍ୱାସ କର, ସାବଧାନ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ - ଯାହା ଚାହଁ ତାହା ହିଁ ହେବ। ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର। ସାବଧାନ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ। କ୍ଲୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ। ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ - ଅଥଚ ଖୁବ୍ ଭଲ ପାଏ - ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ ତାହା। ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ - ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜୁନଙ୍କୁ କହିଥିଲେ - ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଠିକ୍ ସେହିପରି କଳିଯୁଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ।


**ସହପ୍ରତିରତ୍ୱିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**


# ଆମେ ଓ ଆମ ପରିବେଶର ପଶୁପକ୍ଷୀ

**॥ ବିପିନ ବିହାରୀ ମହାନ୍ତି ॥**

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା’ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା’ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ’ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ’ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ’ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା’ ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।


**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର, ଜଟଣୀ**



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଗଜପତି ଉତ୍ସବରେ ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମିଳିଲା ପ୍ରଥମ ପୁରସ୍କାର



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଷ୍ଟାଡିୟମରେ ହୋଇ ଥିବା ଗଜପତି ଉତ୍ସବର ଶେଷ ଦିନରେ ମୃତ୍ତିକା ସଂରକ୍ଷଣ ତଥା ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ବିଭାଗ ପକ୍ଷରୁ ହୋଇ ଥିବା ଷ୍ଟଲରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ପଦର୍ଶିତ ହୋଇଥିଲାଯତା ସହିତ ଲୋକ ମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଥିଲା। ଯାହା ଫଳରେ ଦର୍ଶକ ମାନେ ଏହାକୁ ଖୁବ ପ୍ରଶଂସା କରିବା ସହିତ ପସନ୍ଦ ମଧ୍ୟ କରିଥିଲେ। ତେଣୁ ଶେଷ ଦିନ ମୃତ୍ତିକା ସଂରକ୍ଷଣ ତଥା ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକଙ୍କୁ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଓ ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଉପଢୌକନ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।ଏହି ସମ୍ବର୍ଦ୍ଧନା ସମୟରେ ଓଭରସିଆର ବିଭୁତି ମଲ୍ଲିକ,ଦୀନବନ୍ଧୁ ଜେନା ଓ ସନ୍ତୋଷଙ୍କ ସମେତ ବିଭାଗ ର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷା ଦୋହଲାଇଲା ଚାଷୀଙ୍କ ମେରୁଦଣ୍ଡ

## ରାଜ୍ୟ ସରକାର ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଦାବୀ

ଜୁନାଗଡ଼,, ମହାଭାରତ,:କାହାର କ୍ଷେତରେ, କାହାର ଖଳାରେ, ଦୁଆର ବାରଣ୍ଡାରେ, କାହାର ଖୋଲା ଆକାଶ ତଳେ ମଣ୍ଡିରେ ପଡି ରହିଛି କୁଇଣ୍ଟାଲ କୁଇଣ୍ଟାଲ ଯକିଏ ଧାନ କାଟୁଥିଲା ତ କିଏ ଅମଳ ଧାନକୁ ସଫା କରି ସୁଖୋଉ ଥିଲା। ହେଲେ ଅନ୍ନଦାତାଙ୍କ ମେରୁଦଣ୍ଡରେ ଶକ୍ତ ଆଘାତ ସଦୃଶ ହୋଇଛି ଅଦିନିଆ ଝଡି ବର୍ଷା। ଅବିରତ ଭାବେ ବର୍ଷା ଲାଗି ରହିଥିବା ଫଳରେ ଚାଷୀଙ୍କ ଦୁଃଖ କହିଲେ ନସରେ। ଅମଳ କରି ବିକ୍ରି କରିବା ସମୟରେ ,ବର୍ଷା ଚାଷୀଙ୍କ ଆର୍ଥିକ ଓ ମାନସିକ ସ୍ଥିତି ଦୋହଲାଇ ଦେଉଛି। କଳାହାଣ୍ଡି ଜିଲ୍ଲାରେ ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଉଛି। ଖୋଲା ଆକାଶ ତଳେ ଚାଷୀଙ୍କ କୁଇଣ୍ଟାଲ କୁଇଣ୍ଟାଲ ଧାନ ମଣ୍ଡିରେ ଭିଝୁଛି । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଆଣ୍ଠୁଏ ପାଣି ଜମିଛି । ଧାନ ଭିଜି ଯାଇଥିବା ଯୋଗୁଁ ଚାଷୀ ଏବେ ଦୋ ଛକିରେ ପଡି ଯାଇଛନ୍ତି । ଧାନ କୁ ଏବେ ଘର କୁ ନେବେ ନା ମିଲର୍ସ ନେବ ତାହା ଏବେ ସନ୍ଦିହାନ ହୋଇ ପଡିଛନ୍ତି । ବର୍ତ୍ତମାନ ମଣ୍ଡିରେ ଧାନ ଭିଜୁଥିବା ଯୋଗୁଁ ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ୟାକ୍ସ, ମିଲର୍ସ ଏଜେ□ଙ୍କ କଟନି ଛଟନୀର ଶିକାର ହେବେ ଚାଷୀ । ଜିଲ୍ଲାର ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ବା ଆରଏମସି ଗୋଲାମୁଣ୍ଡା, ଧର୍ମଗଡ଼ ଓ ଜୁନାଗଡ଼ ବ୍ଲକ କୁ ନେଇ ଗଠିତ ହୋଇଛି । ଚଳିତ ଖରିଫ ଋତୁ ଜୁନାଗଡ଼ ଆରଏମସି ପକ୍ଷରୁ ୭୮ଟି ମଣ୍ଡି ରୁ ଧାନ କ୍ରୟ କରିବା ପାଇଁ ଧାର୍ଯ୍ୟ କରାଯାଇଛି।



ସେଥି ମଧ୍ୟରୁ ଜୁନାଗଡ଼ ବ୍ଲକରେ ୩୯ ଟି ମଣ୍ଡି ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରୁଥିବା ବେଳେ ୨୭ଟି ମଣ୍ଡିରେ ପ୍ୟାକ୍ସ ଧାନ କ୍ରୟ କରୁଛନ୍ତି । ଗୋଲାମୁଣ୍ଡା ବ୍ଲକରେ ୧୭ଟି ମଣ୍ଡିରୁ ଗୋଟିଏ ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଚୟନ ହୋଇଥିବା ବେଳେ ୧୬ ଟି ମଣ୍ଡିରେ ପ୍ୟାକ୍ସ ଧାନ କ୍ରୟ କରୁଛନ୍ତି। ସେହିଭଳି ଧର୍ମଗଡ଼ ବ୍ଲକରେ ୧୮ଟି ମଣ୍ଡି ମଧ୍ୟରୁ ୭ଟି ମଣ୍ଡିରୁ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଚୟନ ହୋଇଥିବା ବେଳେ ୧୧ଟି ମଣ୍ଡିରୁ ପ୍ୟାକ୍ସ ଧାନ କ୍ରୟ କରୁଛନ୍ତି। ସମୁଦାୟ ୫୯ଟି ମଣ୍ଡିରେ ପ୍ୟାକ୍ସ ଧାନ କ୍ରୟ କରୁଥିବା ବେଳେ ୧୯ ଟି ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରିବା ପାଇଁ ଦାୟିତ୍ୱ ନେଇଛନ୍ତି । ମଣ୍ଡିର ଭିତ୍ତିଭୂମି ନିର୍ମାଣ ପାଇଁ ନିୟନ୍ତ୍ରିତ ବଜାର କମିଟି ଚାଷୀଙ୍କ ଠାରୁ ନିର୍ଦ୍ଧାରିତ ପ୍ରତିଶତର ଟିକସ ନେଇଥାନ୍ତି । ହେଲେ ପରିତାପ ର ବିଷୟ ଆଜି କଳାହାଣ୍ଡିର ତିନୋଟି ଆରଏମସି ଅଧୀନରେ ଥିବା ଅନେକ ମଣ୍ଡି ରେ ସେଡ ନାହିଁ । ଚାଷୀ ମାନେ ଦିନ ଦିନ ଧରି ଖରା, ବର୍ଷା ଓ ଶୀତକୁ ସାଥି କରି ଧାନ କୁ ଜଗିବସି ଥାନ୍ତି । ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜନେତା, ଚାଷୀନେତା, ନିର୍ବାଚିତ ପ୍ରତିନିଧି ଠାରୁ ଆରମ୍ଭ କରି ପ୍ରଶାସନ ମଧ୍ୟ ଏ ଦିଗରେ ଗୁରୁତର ସହ ଧାନ ନ ଦେବା ବୁଝା ପଡୁନାହିଁ । ଯାହା ଫଳରେ ଆଜି ବି ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି । ମିଲର୍ସ ମାନେ ମଧ୍ୟ ଚାଷୀଙ୍କ ଅସ୍ଥା ଦେଖି କଟନି ଛଟନୀ ମାଡ଼ କରି ଚାଷୀଙ୍କୁ ତଳିତଳାନ୍ତ କରିବାକୁ ଲାଗି ପଡିବେ ।ଜିଲ୍ଲା ସାରା ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ଦୀର୍ଘଦିନ କ୍ଷମତା ଭୋଗକରି, ଚାଷୀଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେଇ ନ ଥିବା ତତ୍କାଳୀନ ସରକାରଙ୍କୁ ଏବର ଡବଲ ଇଞ୍ଜିନ ସରକାର ଦୋଷ ଦେଉଛି ନା ଚାଷୀଙ୍କୁ ଆବଶ୍ୟକ ସାହାଯ୍ୟ, ସହଯୋଗ, ସୁବିଧା ଯୋଗାଉଛି, ଏହାର ଆକଳନ ସମୟ ସାପେକ୍ଷ ।ବର୍ଷକର ଅକ୍ଲାନ୍ତ ପରିଶ୍ରମର ଫଳ ଚାଷୀଙ୍କୁ କେତେମାତ୍ରାରେ ମିଳୁଛି, ତାହା କୁ ନେଇ ଚାଷୀ ଏବେ ସନ୍ଦିହାନ ଯରାଜ୍ୟ ସରକାର ତୁରନ୍ତ ବିହିତ ପଦକ୍ଷେପ ସ୍ୱରୂପ ଏହି ଦୁର୍ଦ୍ଦିନରେ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପାକେଜ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ଜାତୀୟ ଗ୍ରାହକ ଦିବସ ଅନୁଷ୍ଠିତ




ଗଜପତି(ମହାଭାରତ): ଅଖିଳ ଭାରତ ଜାତୀୟ ଗ୍ରାହକ ପ□ାୟତ ପାରଳାଖେମୁଣ୍ଡି ଶାଖା ପକ୍ଷରୁ ୟୁ ଟେକ କମ୍ପ୍ୟୁଟର ଅନୁଷ୍ଠାନ ଠାରେ ହରିମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜାତୀୟ ଗ୍ରାହକ ଦିବସ ଓ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ ମାନବିକ ଅଧିକାର ସଙ୍ଗଠନର ସଭାପତି ଏଲ କେ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଆଶାଲତା ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡକ୍ଟର ମଧୁସୂଦନ ନାୟକ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ ।ସମ୍ପାଦକ ବିଘ୍ନରାଜ୍ ପଣ୍ଡା ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଗ୍ରାହକ ଦିବସର ତାତ୍ପର୍ଯ୍ୟ ଓ ଗ୍ରାହକ ପଞ୍ଚାୟତର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ ।ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ଗ୍ରାହକମାନେ ଶୋଷଣ ଓ ଅନ୍ୟାୟର ଶିକାର ହେଉଥିବା ଯୋଗୁଁ ସଭାରେ ଉଦବେଗ ପ୍ରକାଶ ପାଇଥିଲା ।ତେଣୁ ଗ୍ରାହକମାନେ ସଦାସର୍ବଦା ଜିନିଷ କ୍ରୟ କଲା ବେଳେ କିମ୍ବା ସେବା ପାଇବାରେ ସଚେତନତା ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ।ଗ୍ରାହକ ସଚେତନତାକୁ ବ୍ୟାପକ କରିବା ପାଇଁ ଉପସ୍ଥିତ ବୁଦ୍ଧିଜୀବୀ ନିଜର ମତ ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମକୁ,ଜୟ କିଶୋର ପଟ୍ଟନାୟକ, ଲୋକନାଥ ମିଶ୍ର, ରାମ ଚନ୍ଦ୍ର ଦାସ,ଏମ୍ ସୀତାୟା ପ୍ରଭୃତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବିଘ୍ନ ରାଜ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଉକ୍ଳେଲା ଆଇ ଏମ ଏଫ ଏଲ ସପ ରୁ ଚୋରା ଚାଲାଣ ବେଳେ ଧରିଲା ମୋବାଇଲ ଟିମ

କଳାହାଣ୍ଡି /ମହାଭାରତ:କଳାହାଣ୍ଡି କେସିଙ୍ଗା ବ୍ଲକ ଅଧିନସ୍ଥ ଉକ୍ଳେଲା ଗ୍ରାମପଞ୍ଚାୟତ ଅଧୀନରେ ଥିବା ଏଫ ଏଲ ସଫ ରୁ ଗତ ମଙ୍ଗଳବାର ଦିନ ଦି ପହରରେ ବାଇକ ଯୋଗେ ଗାଁ ଗାଁ ଙ୍କୁ ଚୋରା ଚାଲାଣ ହେଉଥିବାଲେ ପାଣ୍ଡିକୁଡ଼ି ଠାରେ ଜିଲ୍ଲା ଏକ୍ସସାଇଜ ମୋବାଇଲ ଟିମ ବାଇକ ରେ ଦୁଇଜଣ ବିଦେଶୀ ମଦ ନେଉଥିବା ସନ୍ଦେହ କରି ଅଟକାଇଥିଲେ । ତଦନ୍ତ କରିଥିଲେ ସେଥିରେ ବିଦେଶୀ ମଦ ୩୯, ୬୦୦ବିୟର ଏବଂ ୨, ୧୬୦ଲିଟର,ଏକ ମଟର ସାଇକେଲ ଜବଦ କରି ଜିଲ୍ଲା ଏକ୍ସସାଇଜ ଏସ ଆଇ ପ୍ରଦୀପ ମହାନ୍ତି ଦୁଇ ଅଭିଯୁକ୍ତ ଙ୍କୁ ଧରି କେଶ ନମ୍ବର ୨୬୫/୨୪-୨୫ଦଫା ରେ କୋର୍ଟ ଚାଲାନ



କରିଥିବା ସୂଚନା ମିଳିଛି । ମାଲିକ ବିଭୀଷି ସିଂ ଓ ପ୍ରିନ୍ସ ସିଂ ରହିଥିବା ବେଳେ କିଛି କର୍ମଚାରୀ କୁ ଆଣି ଡୁପ୍ଲିକେଟ ମଦ ତିଆରି କରି ବିଦେଶୀ ମଦ ଦୋକାନ ମଧ୍ୟରେ ବିକ୍ରି କରିଥିବା ଅଭିଯୋଗ ହେଉଥିବା ବେଳେ ଗାଁ ଗାଁ କୁ ମଧ୍ୟ ଏହି ଉକ୍ଳେଲା ଠିପି ବନ୍ଦ ଦୋକାନ ରୁ ଦୀର୍ଘ ଦିନ ରୁ ସପ୍ଲାଇ କରି ଆସୁଛନ୍ତି । ଏନେଇ ଗ୍ରାମର ଲୋକେ ଅଭିଯୋଗ କରିଆସୁଥିଲେ କେସିଙ୍ଗା ଅବକାରୀ ବିଭାଗ କୁ ହେଲେ କର୍ଣ୍ଣ ପାତ ମଧ୍ୟ କରୁନାହାନ୍ତି । ଓ କୌଣସି ସୁଫଳ ମିଳି ପାରିନାହିଁ ବୋଲି ଲୋକେ କହିଛନ୍ତି । ଏମିତି ଅନେକ ବର୍ଷ ହେଲା ଏହି ଉତକେଲା ଆଇ ଏମ ଏଫ ଏଲ ରୁ ନକଲି ବିଦେଶୀ ମଦ ତିଆରି କରି ବିଭିନ୍ନ ଗ୍ରାମ ଗୁଡିକରେ ଦିନରାତି ବେଧଡ଼କ ଭାବେ ବିକ୍ରି କରୁଛନ୍ତି ଓ ଏହି ଦୁଇ ଜଣ ଅଭିଯୁକ୍ତ ଙ୍କୁ ଚଳିତ ବର୍ଷ ଗତ ଫେବ୍ରୁଆରୀ ରେ କୋକୋମୁଣ୍ଡା ଛକ ନିକଟରେ ବିଦେଶୀ ମଦ ଧରି କୋର୍ଟ ଚାଲାଣ କରିଥିଲେ ହେଲେ କିଛି ଦିନପରେ ବାହାର କୁ ଆସି ପୁଣିଥରେ କାର୍ଯ୍ୟ ଆରମ୍ଭ କଲେଣି ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି । ଏନେଇ ଭବାନୀପାଟଣା ଅବକାରୀ ସହ ଉପନିରୀକ୍ଷକ ଜିଲ୍ଲା ଭ୍ରାମ୍ୟମାଣ ଗୋଷ୍ଠି ଚୋରା ବିଦେଶୀ ମଦ କୁ ଆସିଧରୁ ଥିବା ବେଳେ କେସିଙ୍ଗା ଅବକାରୀ ବିଭାଗ କୁମ୍ଭ କର୍ଣ୍ଣ ନିଦ୍ରାରେ ସୋଇପଡିଛି ବୋଲି ଲୋକେ ଅଭିଯୋଗ ଆଣିଛନ୍ତି।

## ପାରାଦୀପ ଡମ୍ଫର ଓନର୍ସ ଆସୋସିଏସନ ର ବନ୍ଧୁ ମିଳନ ଉତ୍ସବ ସମାରୋହରେ ପାଳିତ



ପାରାଦୀପ (ମହାଭାରତ): ନୂତନ ବର୍ଷର ଆଗମନ କୁ ଅଭିନନ୍ଦନ ଜଣାଇବା ପାଇଁ ପ୍ରତିବର୍ଷ ପାରାଦୀପ ର ସର୍ବପୁରାତନ ଡମ୍ଫର ଓନର୍ସ ଆସୋସିଏସନ ପକ୍ଷରୁ ପାରିବାରିକ ବନ୍ଧୁ ମିଳନ ଉତ୍ସବ ଆୟୋଜିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ନୂତନ ବର୍ଷ ୨୦୨୫ କୁ ଅଭିନନ୍ଦନ ଉଦ୍ଦେଶ୍ୟରେ ଡିସେମ୍ବର ୨୫ ବୁଧବାର ବଡଦିନରେ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଆସୋସିଏସନ ର ପାରିବାରିକ ବନ୍ଧୁ ମିଳନ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ସଂଘର ସଦସ୍ୟ ମାନଙ୍କ ମନୋରଞ୍ଜନ ପାଇଁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିସହ ସଂଘର ଉନ୍ନତି ନିମନ୍ତେ ନିରବଚ୍ଛିନ୍ନ ପ୍ରୟାସ ପାଇଁ ଆସୋସିଏସନ ର ସଭାପତି ବିଜୟ କୁମାର ନାୟକ (ସଦା) ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଥିଲା । ଏହି କାର୍ଯ୍ୟକ୍ରମରେ ମହିଳା ମାନଙ୍କ ପାଇଁ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ସାଙ୍ଗକୁ ଆୟୋଜିତ ଭୋଜିରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ର ବ୍ୟବସ୍ଥା କରାଯାଥିଲା । ଏହି କାର୍ଯ୍ୟକ୍ରମ କୁ ଆସୋସିଏସନ ର ସଭାପତି ବିଜୟ କୁମାର ନାୟକ, ସମ୍ପାଦକ ସୁରଜ କୁମାର ବାରିକ, ସହ ସମ୍ପାଦକ ପ୍ରମୋଦ କୁମାର ସାହୁ ଓ କୋଷାଧକ୍ଷ ଅଜୟ କୁମାର ସାହୁ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ଭାବେ ସହଯୋଗ କରିଥିଲେ ।

## ଉମରକୋଟରେ ବିଦେଶୀ ମଦ ଦୋକାନ -୨ ର ମନମାନି

ଉମରକୋଟ:-(ମହାଭାରତ) ନବରଙ୍ଗପୁର ଜିଲ୍ଲା ଉମରକୋଟର ୱାର୍ଡ ନମ୍ବର-୧୨ ରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ-୨ର ମନମାନି ଦିନକୁ ଦିନ ବଢି ଚାଲିଛି । ଏମଆରପି ଦର ଠାରୁ ଅଧିକ ଦରରେ ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଅବକାରୀ ନିୟମକୁ ଉଲ୍ଲଂଘନ କରି ବିକ୍ରୀ କରାଯାଉଛି ବିଦେଶୀ ମଦ । ଯାହା ପୁଣି ନିର୍ଦ୍ଧାରିତ ମୂଲ୍ୟ ଠାରୁ ଢେର ଅଧିକ ମୂଲ୍ୟରେ। ପ୍ରତି ୧୮୦ ମିଲି ବୋତଲ ପିଛା ୨୦ ଟଙ୍କା,୩୭୫ ମିଲି ପାଇଁ ୪୦ ଟଙ୍କା ଓ ୭୫୦ ମିଲି ପାଇଁ ୭୦ ରୁ ୮୦ ଟଙ୍କା ଲୁଟୁଚନ୍ତି ଦୋକାନୀ । ନିର୍ଦ୍ଧାରିତ ମୂଲ୍ୟ ଦେବାକୁ କହିଲେ ନାଲି ଆଖି ଦେଖେଇ ଦେବାପାଇଁ ମନା କରୁଛନ୍ତି ମଦ ଓ ବିଲ । ଅବକାରୀ ନିୟମରେ ବିଲ ନେବା ଗ୍ରାହକର ଅଧିକାର ଥିବବେଳେ ବିଲ ନଦେଇ ନାଲି ଆଖି ଦେଖେଇବା କେତେ ଯୁକ୍ତି ଯୁକ୍ତ ତାହାର ଉପଯୁକ୍ତ ତଦନ୍ତ ହେଲେ ଜଣାପଡ଼ିବ । ନିୟମାନୁସାରେ ଦୋକାନରେ ଲୋକଙ୍କ ଜାଣିବା ପାଇଁ ଏକ ରେଟ ଚାର୍ଟ ପ୍ରସ୍ତୁତ କରି ରଖିବା କଥା କିନ୍ତୁ କେତେକ ଦୋକାନରେ ତାହା ମଧ୍ୟ କରାଯାଉନାହିଁ। ଫଳରେ ଲୋକେ କେତେ ପରିମାଣର ମଦ ରହିଛି ଓ ରେଟ କେତେ ରହିଛି ଜାଣିପାରୁନାହାନ୍ତି। ଦୋକାନ ଗୁଡିକ ନେଉଥିବା ଅଧିକ ରେଟ କୋଡିଏ ରୁ ତିରିଶ ଟଙ୍କା କୁ ଯଦି ହିସାବ କୁ ନିଆଯାଏ ତେବେ ଦୈନିକ ଦୋକାନ ପିଛା ପାଞ୍ଚ ହଜାରରୁ ଉର୍ଦ୍ଧ ଟଙ୍କା ଓ ମାସକୁ ଦେଢ଼ ଲକ୍ଷ ରୁ ଉର୍ଦ୍ଧ ଟଙ୍କା ଚଢା ଦରରୁ ଲୋକଙ୍କ ଠାରୁ ବେଆଇନ ଭାବେ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ତେବେ ଦେଖିବାକୁ ବାକି ରହିଲା ଖବର ପ୍ରକାଶିତ ହେବ ପରେ ଉମରକୋଟ ଅବକାରୀ ବିଭାଗ ନିୟମ ଉଲଂଘନ କରିଙ୍କ ବିରୁଦ୍ଧରେ କେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଦେଖିବାକୁ ବାକି ରହିଲା।

## ସମାଜସେବାରେ ବ୍ରତୀ ସାମ୍ବାଦିକ ନିଜେ ଅବହେଳିତ

ଖୋର୍ଦ୍ଧା:(ମହାଭାରତ) ରାଜ୍ୟର ସର୍ବ ବୃହତ ସାମ୍ବାଦିକ ସଙ୍ଘ ଭାବେ ପରିଗଣିତ ସମ୍ମିଳୀତ କର୍ମଜୀବୀ ସାମ୍ବାଦିକ ସଙ୍ଘ(ଓ.ୟୁ.ଡବ୍ଲୁ.ଜେ) ର ନବମ ପ୍ରତିଷ୍ଠା ଦିବସ ତଥା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ରାଜ୍ୟ ସଭାପତି ଭାଗବତ ତ୍ରିପାଠୀଙ୍କ ସହିତ ରାଜ୍ୟ ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା, ରାଜ୍ୟ ସଙ୍ଗଠନ ସମ୍ପାଦକ ଅର୍ଜୁନ ମୁଦୁଲି, ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ , ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନା ମୟୀ ଆର୍ଯ୍ୟ, ମୁଖ୍ୟ ବକ୍ତା ଭାବରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିବା ବେଳେ, ରାଜ୍ୟ ସଭାପତି ଶ୍ରୀଯୁକ୍ତ ତ୍ରିପାଠୀ ଏହି ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ତଥା ନିଜ ଜୀବନକୁ ବିପନ୍ନ କରି ସଦା ସର୍ବଦା ସାଧାରଣ ଲୋକଙ୍କ ପାଇଁ ଲଢେଇ କରିଥିବା ସାମ୍ବାଦିକ ସବୁବେଳେ ଉପେକ୍ଷିତ ଓ ଅବହେଳିତ। ସେମାନଙ୍କ ନିମନ୍ତେ ପେନସନ ଓ ସାମ୍ବାଦିକ ସୁରକ୍ଷା ଆଇନ ରାଜ୍ୟ ସରକାର ତୁରନ୍ତ ପ୍ରଣୟନ କରିବାକୁ ନିଜର ଦାବୀ ଉପସ୍ଥାପନା କରିଥଲେୟ ସାମ୍ବାଦିକ ମାନଙ୍କର ନ୍ୟାର୍ଯ୍ୟ ଦାବୀ ହାସଲ ନ ହେବା ପର୍ଯ୍ୟନ୍ତ, ସେ ତାଙ୍କର ସଂଗ୍ରାମ ଜାରି ରଖିବେ ବୋଲି କହିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା କ□ବ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନେ ଯେପରି ଭାବରେ ନିଜ ଜୀବନକୁ ବାଜି ଲଗାଇ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବରେ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଉଥିବା ବେଳେ ରାଜ୍ୟ ସରକାର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଦାବୀ ଗୁଡିକୁ ସହୃଦୟରତାସହ ବିଚାର କରି ତୁରନ୍ତ ପୂରଣ କରିବା ଉଚିତ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ ଏଂ ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ସାମନ୍ତରାୟ, ତାଙ୍କ ବକ୍ତବ୍ୟରେ କହିଥିଲେ, ଯେ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ପା□ଲକ୍ଷ ରୁ ଦଶଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହିତ ସ୍ୱାସ୍ଥ୍ୟବୀମାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ ଷାଠିଏ ବର୍ଷ ପରେ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ କରିବା ସହ ଅନ୍ୟ ରାଜ୍ୟ ଭଳି ଓଡିଶାରେ ମଧ୍ୟ ସାମ୍ବାଦିକ ସୁରକ୍ଷା ଆଇନ ର ପ୍ରଣୟନ ନିମନ୍ତେ ଦାବୀ କରିଥିଲେ । ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀଯୁକ୍ତ ମୁଦୁଲି, କ□ବ୍ୟରତ ସମୟରେ ଗଣମାଧ୍ୟମ ପ୍ରତିନିଧି ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ତାର ପ୍ରତିକାର ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। କରୋନା ମହାମାରୀ ସମୟରେ ନିଜ ଜୀବନକୁ ଭ୍ରୁକ୍ଷେପ ନକରି କରୋନା ପୀଡିତ ରୋଗୀମାନଙ୍କୁ ଆମ୍ବୁଲାନ୍ସରେ ନେଇ ଭୁବନେଶ୍ୱରର ବିଭିନ୍ନ ଚିକିତ୍ସାଳୟରେ ଉତ୍ତମ ଚିକିତ୍ସା ପାଇଁ ଭ□ କରି ସାରା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଥିବା ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆମ୍ବୁଲାନ୍ସ ଡ୍ରାଇଭର ନିବାସ ମହାରଣାଙ୍କୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଙ୍ଘର ପ୍ରାଥମିକ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସମ୍ପାଦକ ଲଳିତ ମୋହନ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ସଂଘର ପ୍ରାୟ ପଚାଶରୁ ଉର୍ଦ୍ଧ ସଦସ୍ୟ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ହାତୁଡ଼ିରେ ପିଟି ସାଙ୍ଗକୁ ହତ୍ୟା କଲା ସାଙ୍ଗ

ଯୋଡା- (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରା□ଳ ୱାର୍ଡ଼ ନଂ ୬ ।ଚୁ ହଟିଂରେ ଘଟିଛି ଏକ ନିର୍ମମ ହତ୍ୟାକାଣ୍ଡ ଯ ସାଙ୍ଗର ମୁଣ୍ଡକୁ ହାତୁଡ଼ିରେ ପିଟି ହତ୍ୟା କରିଛି ଅନ୍ୟ ଜଣେ ସାଙ୍ଗଯ ମୃତକ ହେଉଛନ୍ତି ଭାଗବତ ବେଶ୍ରା (୩୨)। ଅଭିଯୁକ୍ତ ସାଙ୍ଗ ଦୁର୍ଗା ନାଏକ ଫେରାର ଥିବା ସୂଚନା । ହତ୍ୟା ପଛର କାରଣ ଅସ୍ପଷ୍ଟ । ଖବର ପାଇ ଘଟଣା ସ୍ଥଳରେ ଯୋଡ଼ା ପୋଲିସର ପହଁଚି ମୃତ ଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣା ର ଅଧିକ ତଦନ୍ତ ଚଳାଇବା ସହ ସାଇ□ଫିକ୍ ଟିମ୍ ଡକାଇଛି । ତେବେ ଘଟଣା ସମୟରେ ୩ ଜଣ ଥିଲେ ବୋଲି ପ୍ରାରମ୍ଭିକ ତଥ୍ୟ ରୁ ଜଣା ପଡିଥିବା ବେଳେ ଆକ୍ରମଣରେ ଆଉ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ଦଶରଥ କାରୁଆଙ୍କ ମୁଣ୍ଡ ଫଟିବା ସହ ଦାନ୍ତ ଭାଙ୍ଗିଯାଇଛି । ତେବେ ମୃତ ଭାଗବତ ଙ୍କ ସ୍ତ୍ରୀ କହିବା କଥା ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ଝଗଡ଼ା ହୋଇ ଭାଗବତ କିଛି ଦିନ ହେବ ଅଭିଯୁକ୍ତ ସାଙ୍ଗ ଦୁର୍ଗା ନାଏକ ଘରେ ରହୁଥିଲା, ତେବେ କାହିଁକି କଣ ପାଇଁ ଆଶ୍ରୟ ଦେଇଥିବା ସାଙ୍ଗ କୁ ଦୁର୍ଗା ଜୀବନରୁ ମାରିଦେଲା ଜଣାପଡିନାହିଁ, ଅଭିଯୁକ୍ତ ଦୁର୍ଗା ପୂର୍ବରୁ ନିଜ ସ୍ତ୍ରୀ ହତ୍ୟାରେ ଜେଲ ଯାଇଥିବା ଜଣାପଡ଼ିଛି।

## ଦେବଗଡ଼ ରେ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ପାଳିତ

ଦେବଗଡ଼(ମହାଭାରତ) ବୁଧ ବାର ଦିନ ଦେବଗଡ଼ ଜିଲ୍ଲାର ସ୍ଥାନୀୟ ସଂସ୍କୃତି ଭବନ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଦିବସର ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ବରିଷ୍ଠ ନାଗରିକ ସୁଧୀର କପରଦାର ଓ ମୁଖ୍ୟ ବକ୍ତା ଭାବେ ଆଦର୍ଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିଜୟ କୁମାର ମହାରଣା, ମ□ାସିନ ରହି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ପରେ ଅତିଥି ମାନଙ୍କ ଦ୍ୱାରା ସୁଶାସନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେୟ ସୁଶାସନ ଦିବସ ରେ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ଜୁନିଅର ଗ୍ରୁପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲିପ୍ସା ଭୋଇ ପ୍ରଥମ, ଜୱାହର ନବୋଦୟ ବିଦ୍ୟାଳୟର ପୀତବାସ କୁମାର ପ୍ରଧାନ ଦ୍ବିତୀୟ, ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଲୋପାମୁଦ୍ରା ବିଶ୍ୱାଳ ତୃତୀୟ,ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ।

## ଲଘୁଚାପ ଜନିତ ଝିପି ଝିପି ବର୍ଷାରେ ବିଲରେ ଭାସୁଛି ଧାନ ଚିନ୍ତାରେ ଚାଷୀ କୁଳ

ନୂଆଗାଁ ( ମହାଭାରତ) : ଆମ ରାଜ୍ୟ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟଯ ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ଏକ କୃଷି ପ୍ରଧାନ ବ୍ଲକ୍ ଭାବେ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମ ରାଜ୍ୟର ଲୋକମାନଙ୍କ ପ୍ରଧାନ ଖାଦ୍ୟ ଭାତଯତେଣୁ ଲୋକମାନେ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଚାଷୀ ମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ସତ୍ତ୍ୱେ ଧାର କରଜ କରି ଧାନ ଚାଷ ଏବଂ କିଛି ରବି ଫସଲ କରି ଅମଳ ପରେ ବିକ୍ରି କରି ଧାର କରଜ ସୁଜିବା ସହ ପରିବାର ପୋଷଣ ବହୁ କଷ୍ଟରେ କରିଥାନ୍ତି ।ଚାଷୀ ମାନଙ୍କ ଏଭଳି ପରିସ୍ଥିତି ର ଫାଇଦା ବେପାରୀ ମାନେ ସ୍ୱଚ୍ଛ ମୂଲ୍ୟରେ କ୍ରୟ କରୁଥିବା ବେଳେ ବର୍ତମାନ ଦାଉ ସାଧୁଛି ଲଘୁଚାପ ଜନିତ ଲଗାଣ ବର୍ଷାଯ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ଫଳରେ ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ରେ ଲଗାଣ ବର୍ଷା ଲାଗି ରହିଛି ।କିଛି ଦିନ ଥଣ୍ଡା ପଡ଼ିବା ପରେ ମେଘୁଆ ପାଗ ସହ ଲଗାଣ ଝିପି ଝିପି ବର୍ଷା ସହ କୋହଲା ପବନ ବୋହୁଛି।



ବର୍ଷା ଯୋଗୁଁ ଚାଷ ଜମିରେ ପାଣି ଜମିଥିବା ଯୋଗୁଁ ଦୁଃଖ କଷ୍ଟରେ ଅକ୍ଲାନ୍ତ ପରିଶ୍ରମ କରି ଚାଷୀ ମାନେ କରିଥିବା ଧାନ ଫସଲ ନଷ୍ଟ ହେବାକୁ ଯାଉଛି। ଚାଷୀ ଧାନ କାଟି ବିଡା ବିଡା କରି ଜମିରେ ରଖିଥିବା ଧାନ ବିଡା ଭାସି ଯାଉଥିବା ଦେଖିବାକୁ ମିଳିଛି ।ଧାନ ଫସଲ ଅମଳ କରି ରଖିବାକୁ ସୁବିଧା ନଥିବା ଯୋଗୁଁ ବର୍ଷା ପାଇଁ ଚାଷୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଚଳିତ ବର୍ଷ ନୂଆଗାଁ ବ୍ଲକ୍ ର ଚାଷୀ ମାନଙ୍କ ଚାଷ ଜମିରେ ଧାନ ଚାଷ ଭଲ ହୋଇଥିବା ବେଳେ ଚାଷୀ ମାନଙ୍କ ସ୍ୱପ୍ନ ଧୂଳିସାତ କରିଦେଇଛି ଲଗାଣ ବର୍ଷାଯଏପଟେ ବେପାରୀ ମାନେ ଗାଁ ଗାଁ ରେ ସକ୍ରିୟ। ଯେଉଁ ଆଶା ଭରଷା କରି ଚାଷୀ ମାନେ ଧାନ ଚାଷ କରିଥିଲେ ସ୍ୱପ୍ନ ସ୍ୱପ୍ନ ରେ ରହିଯାଇଛି ।ଚାଷୀ ମାନଙ୍କ ମୁଣ୍ଡରେ ପଡିଛି ଚଡ଼କୟଖାଲି ଚାଷୀ କାହିଁକି ଲଗାଣ ବର୍ଷା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଶୀତଦିନରେ ବର୍ଷା ଜାରି ରହିଥିବା ଯୋଗୁ ଲୋକମାନଙ୍କ ଠାରୁ ଆରମ୍ଭ କରି ଜୀବ ଜନ୍ତୁଙ୍କ ଜୀବନ ଭାରି ଯନ୍ତ୍ରଣା ଦାୟକ ହୋଇପଡିଛ। କୋହଲା ପାଗ ସହ ବର୍ଷା ଯୋଗୁଁ ଲୋକମାନେ ଘରୁ ବାହାରକୁ ବାହାରିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି ।ଚାରିଆଡ଼େ ଜନ ଶୂନ୍ୟ ଖାଲି ଖାଁ ଖାଁଯବ୍ୟବସାୟୀ ମାନଙ୍କ ବେପାର ମାନ୍ଦା। ଚାଷୀ ମାନଙ୍କ ଏଭଳି ପରିସ୍ଥିତି ରେ ଚାଷୀ ମାନଙ୍କ ପାଖରେ କେବେ ପହଞ୍ଚୁଛି ପ୍ରଶାସନ ତାହା ଦେଖିବାକୁ ବାକି ରହିଲା।

### ନିର୍ବାଚନ ପରିଚାଳନା ନିୟମାବଳୀ ସଂଶୋଧନ ପ୍ରସଙ୍ଗ

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ନିର୍ବାଚନ କମିଶନଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ନିକଟରେ ନିର୍ବାଚନ ପରିଚାଳନା ନିୟମ ୧୯୬୧ରେ ସଂଶୋଧନ କରିଛନ୍ତି । କିନ୍ତୁ ଏହାକୁ ବିରୋଧ କରି କଂଗ୍ରେସ ଗୋଟିଏ ପିଟିସନ ସୁପ୍ରିମକୋର୍ଟରେ ଦାଏର କରିଛି । କେନ୍ଦ୍ର ସରକାର କରିଥିବା ସଂଶୋଧନ ଦ୍ୱାରା ନିର୍ବାଚନ ପ୍ରକ୍ରିୟା ବିଶ୍ୱସନୀୟତା ହରାଉଥିବା କଂଗ୍ରେସ ଅଭିଯୋଗ କରିଛି । ନିର୍ବାଚନ କମିସନଙ୍କ ସୁପାରିସ ଆଧାରରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଶୁକ୍ରବାର ନିର୍ବାଚନ ପରିଚାଳନା ନିୟମ ୧୯୬୧ର ନିୟମ ୯୩(୨)(ଏ)ରେ ବଡ଼ ସଂଶୋଧନ କରିଥିଲେ । ସର୍ବସାଧାରଣ ଯା□ ପାଇଁ ସିସିଟିଭି ଫୁଟେଜ୍ ମଗାଯିବା ଉପରେ ସଂଶୋଧନ ଦ୍ୱାରା ପ୍ରତିବନ୍ଧକ ଲଗାଯାଇଛି । ଏଣିକି ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଇଲେକ୍ଟ୍ରୋନିକ୍ ରେକର୍ଡ ସର୍ବସାଧାରଣରେ ତନଖି ପାଇଁ ଉପଲବ୍ଧ ହେବ ନାହିଁ । ସିସିଟିଭି କ୍ୟାମେରା ଓ ୱେବକାଷ୍ଟିଂ ଫୁଟେଜ୍ ଭଳି କେତେକ ଇଲେକ୍ଟ୍ରୋନିକ୍ ଦସ୍ତାବିଜର ସର୍ବସାଧାରଣ ଯା□ ସହ ପ୍ରାର୍ଥୀଙ୍କ ଭିଡିଓ ରେକର୍ଡିଂକୁ ରୋକିବା ପାଇଁ ସରକାର ନିର୍ବାଚନ ନିୟମରେ ସଂଶୋଧନ ଆଣିଛନ୍ତି । ପୂର୍ବରୁ ଥିବା ନିୟମ ୯୩ ଅନୁଯାୟୀ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ସର୍ବସାଧାରଣଙ୍କ ଯା□ ପାଇଁ ଖୋଲା ରହିଥିଲା । ହେଲେ ସଂଶୋଧନ ପ୍ରକ୍ରିୟାରେ ଇଲେକ୍ଟ୍ରୋନିକ୍ ଦସ୍ତାବିଜଗୁଡ଼ିକୁ ନିର୍ଦ୍ଦିଷ୍ଟ ଯା□ ପ୍ରକ୍ରିୟାରୁ ବାଦ ଦିଆଯାଇଛି । କେତେକ ଅସ୍ପଷ୍ଟତା ଦୂର କରିବା, ମତଦାନ ଗୋପନୀୟତା ଉଲ୍ଲଂଘନକୁ ରୋକିବା ଓ ଏଆଇ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ମତଦାନ କେନ୍ଦ୍ର ଭିତରର ସିସିଟିଭି ଫୁଟେଜର ସମ୍ଭାବ୍ୟ ଅପବ୍ୟବହାର ଭଳି ଗମ୍ଭୀର ପ୍ରସଙ୍ଗକୁ ବିଚାର କରି ନିୟମକୁ ସଂଶୋଧନ କରାଯାଇଥିବା ନିର୍ବାଚନ କମିଶନ କହିଛନ୍ତି । ସଂଶୋଧନ ଦ୍ୱାରା କେବଳ ନିୟମରେ ଉଲ୍ଲେଖ ଥିବା ରେକର୍ଡ ସର୍ବସାଧାରଣ ଯା□ ପାଇଁ ଉପଲବ୍ଧ ହେବ ଓ କୌଣସି ଇଲେକ୍ଟ୍ରୋନିକ୍ ଦସ୍ତାବିଜର ସର୍ବସାଧାରଣ ଯା□ ନିମନ୍ତେ ଅନୁମତି ଦିଆଯିବ ନାହିଁ ବୋଲି ବ୍ୟବସ୍ଥା କରାଯାଇଛି । ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ନିର୍ବାଚନ କମିଶନ ମୁକ୍ତ ଓ ଅବଧା ନିର୍ବାଚନ କରିବାର ଅଧିକାର ପାଇଛନ୍ତି । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଆଇନକୁ ଏକତରଫା ଭାବେ ବଦଳାଇବାକୁ ଅନୁମତି ମିଳିପାରିବ ନାହିଁ । ଏନେଇ ଗୋଟିଏ ରିଟ ପିଟିସନ ସୁପ୍ରିମକୋର୍ଟରେ ଫାଇଲ କରାଯାଇଛି । ନିକଟରେ ନିର୍ବାଚନ ପରିଚାଳନା ଆଇନ ୧୯୬୧ରେ ହୋଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରାଯାଇଛି । ନିର୍ବାଚନ କମିଶନ ଗୋଟିଏ ସାମ୍ବିଧାନିକ ସଂସ୍ଥା । ମୁକ୍ତ ଓ ଅବଧା ନିର୍ବାଚନ ପାଇଁ ସେ ଦାୟିତ୍ୱ ନେଇଛନ୍ତି । ଏପରି ସ୍ଥିତିରେ ଲୋକଙ୍କ ବିଚାରବିମର୍ଶ ନ କରି ଏକତରଫା ଭାବେ ଗୁରୁତ୍ୱପୂର୍ଣ୍ଣ ଆଇନରେ ପରିବର୍ତ୍ତନ କରିବା ଆଦୌ ଠିକ ନୁହେଁ ବୋଲି ସେ କହିଛନ୍ତି ।



# ସୁରକ୍ଷା ପାଇଁ ଆଣବିକ ବୋମା ବିକଶିତ କରୁଛୁ

**ଇସଲାମାବାଦ,୨୫।୧୨(ଏଜେନ୍ସି):** ଆମେରିକା ପାକିସ୍ତାନର ଦୂରଗାମୀ ପରମାଣୁ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ପ୍ରତିବନ୍ଧକ ଲଗାଇବା ପରେ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆମେରିକା କହିଛି ଯେ, ପାକିସ୍ତାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଆମ ପାଇଁ ବିପଦ । ଏହାକୁ ନେଇ ଶାହବାଜ ସରିଫ ମଙ୍ଗଳବାର କହିଛନ୍ତି ଯେ, ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମ କେବଳ ପ୍ରତିରକ୍ଷା ପ୍ରକୃତିର ବୋଲି ସେ ସ୍ପଷ୍ଟ କରିଛନ୍ତି । ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମ ଆତ୍ମରକ୍ଷା ପାଇଁ ଏବଂ ଏହା କାହା ବିରୁଦ୍ଧରେ ଆକ୍ରମଣାତ୍ମକ ନୁହେଁ । ଶାହାବାଜ ସରିଫ କହିଛନ୍ତି ପାକିସ୍ତାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ଆମେରିକାର ନିଷେଧାଦେଶର କେଣସି ସ୍ପଷ୍ଟୀକରଣ ନାହିଁ ଏବଂ ଆମେ ଆମର ଆଣବିକ କାର୍ଯ୍ୟକ୍ରମରେ କେଣସି ଆପୋଷ ବୁଝାମଣା କରିବାକୁ ଯାଉ ନାହୁଁ । ଆମେରିକାର ବିବୃତ୍ତି ପରେ ପାକିସ୍ତାନ ସରକାର କ୍ରମାଗତ ଭାବେ ସ୍ପଷ୍ଟୀକରଣ ଦେଉଥିବାବେଳେ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ନେଇ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି । ଆମେରିକା ପାକିସ୍ତାନର ସରକାରୀ ପ୍ରତିରକ୍ଷା କମ୍ପାନୀ ସମେତ ୪ଟି କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇବା ପରେ ଶାହାବାଜ ସରିଫ ପ୍ରଥମ ଥର ପ୍ରତିକ୍ରିୟା ଦେଇଛନ୍ତି । ପାକିସ୍ତାନରେ କ୍ୟାବିନେଟ ମନ୍ତ୍ରୀଙ୍କ ବେଠକରେ ଶାହାବାଜ କହିଛନ୍ତି, ଏଭଳି ଆମେରିକୀୟ ପ୍ରତିବନ୍ଧକର କେଣସି ଆଧାର ନାହିଁ । ଶାହାବାଜ ସରିଫ କହିଛନ୍ତି,



ଆଣବିକ ବ୍ୟବସ୍ଥାକୁ ଆକ୍ରମଣାତ୍ମକ କରିବା ପାଇଁ ପାକିସ୍ତାନର କୌଣସି ଉଦ୍ଦେଶ୍ୟ ନାହିଁ । ପାକିସ୍ତାନର ସୁରକ୍ଷା ପାଇଁ ଏହା ଶତପ୍ରତିଶତ କରାଯାଇଛି । ଏହା କେବଳ ପ୍ରତିରୋଧ ପାଇଁ, ଆଉ କିଛି ନୁହେଁ । ସେ ଦାବି କରିଛନ୍ତି, ପାକିସ୍ତାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ କେବଳ ନିଜର ସୁରକ୍ଷା କରିବା ପାଇଁ ଉଦ୍ଦିଷ୍ଟ । ଶାହାବାଜ ସରିଫ କହିଛନ୍ତି, ଏହି ନିଷେଧାଦେଶକୁ ନେଇ ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ବ୍ୟାପକ ପ୍ରତିକ୍ରିୟା ଦେଇଛି । ସେ କହିଛନ୍ତି, କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ତାଙ୍କର କିମ୍ବା ତାଙ୍କ କ୍ୟାବିନେଟର କେଣସି ସଦସ୍ୟଙ୍କର ନୁହେଁ ବରଂ ସମଗ୍ର ଦେଶର । ଏହାପୂର୍ବରୁ ଆମେରିକାର ଡେପୁଟି ଏନଏସଏ ଜନ୍ ଫିନର କହିଥିଲେ, ପାକିସ୍ତାନ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ତିଆରି କରୁଛି ଯାହା ଆମେରିକାକୁ ମଧ୍ୟ ଟାର୍ଗେଟ କରିପାରିବ୍ୟ ଆମେରିକାର ଟାର୍ଗେଟରେ ପାକିସ୍ତାନର ଶାହିନ୍- ୩ ଏବଂ ଆବାବିଲ କ୍ଷେପଣାସ୍ତ୍ର ରହିଛି । ଆବାବିଲକୁ ନେଇ ପାକିସ୍ତାନ ଦାବି କରିଛି ଯେ ଏହା ଏକାସାଙ୍ଗରେ ଅନେକ ପରମାଣୁ ବୋମା ନେଇପାରିବ । ଯେତେବେଳେ କି ଶାହିନ୍-୩ର ବର୍ତ୍ତମାନର ଲକ୍ଷ୍ୟଭେଦ ପରିସର ୨୭୫୦ କିଲୋମିଟର ରହିଛି । ଆମେରିକା ପର୍ଯ୍ୟନ୍ତ ପାକିସ୍ତାନ ନିଜକୁ ଆକ୍ରମଣ କରିବାରେ ସକ୍ଷମ କରୁଛି । ସ୍ପେସ୍ ପ୍ରୋଗ୍ରାମ୍ ନାମରେ ପାକିସ୍ତାନ ଏହା କରୁଛି ଏବଂ ବର୍ତ୍ତମାନ ଏହାର ରହସ୍ୟ ଉନ୍ମୋଚିତ ହୋଇଛି । ଏହି କାରଣରୁ ପାକିସ୍ତାନକୁ କ୍ରମାଗତ ଭାବରେ ସ୍ପଷ୍ଟୀକରଣ ଦେବାକୁ ପଡିବ ବୋଲି ଜନ୍ ଫିନର କହିଥିଲେ ।

# ମହାରାଷ୍ଟ୍ର ନିର୍ବାଚନ : କଂଗ୍ରେସକୁ ଜବାବ ଦେଲେ ନିର୍ବାଚନ କମିସନ

**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ଗତ କିଛି ଦିନ ହେବ ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ କଂଗ୍ରେସ କେନ୍ଦ୍ର ସରକାର ଓ ନିର୍ବାଚନ କମିସନଙ୍କୁ ପ୍ରଶ୍ନ କରି ଆସୁଛି । ସେପଟେ ନିର୍ବାଚନ କମିସନ ମଙ୍ଗଳବାର କଂଗ୍ରେସକୁ ଜବାବ ଦେଇଛନ୍ତି । ନିର୍ବାଚନ କମିସନ କହିଛନ୍ତି ଯେ ମହାରାଷ୍ଟ୍ରର ପ୍ରତ୍ୟେକ ବିଧାନସଭା ଆସନ ଏବଂ ଭୋଟରଙ୍କ ସମ୍ପର୍କିତ ଦଳ ମାଗିଥିବା ଫର୍ମ ୨୦ର ତଥ୍ୟ ମହାରାଷ୍ଟ୍ର କମିସନଙ୍କ ୱେବସାଇଟରେ ଉପଲବ୍ଧ ଅଛି ଯାହାକୁ ଡାଉନଲୋଡ୍ କରାଯାଇପାରିବ । ମହାରାଷ୍ଟ୍ର ନିର୍ବାଚନର ଭୋଟର ତାଲିକାକୁ




ନେଇ ଉଠିଥିବା ପ୍ରଶ୍ନର ବିସ୍ତୃତ ଉତ୍ତର ଦେଇଛନ୍ତି କେନ୍ଦ୍ରୀୟ ନିର୍ବାଚନ କମିସନ । କମିସନ କହିଛନ୍ତି ଯେ କଂଗ୍ରେସ ଦେଇଥିବା ଅଭିଯୋଗରେ କୁହାଯାଇଛି ଯେ ଲୋକସଭା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ମଧ୍ୟରେ ୮୦,୩୯୧ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟାଇ ଦିଆଯାଇଛି । ଅର୍ଥାତ ଗୋଟିଏ ବିଧାନସଭାରେ ହାରାହାରି ୨୭୭୯ ଜଣ ଭୋଟର ହ୍ରାସ ପାଇଥିଲେ । କିନ୍ତୁ ଏପରି ଅଭିଯୋଗ ନିରାଧାର । କାରଣ ସବୁ ପ୍ରକ୍ରିୟା ପାଳନ କରି ଫିଲଡ୍ ସର୍ଭେର ରିପୋର୍ଟ ଅନୁସାରେ ଭୋଟର ତାଲିକା ସଂଶୋଧନ କରାଯାଇଥିଲା । ସର୍ଭେ ବେଳେ ଯେଉଁମାନେ ମୃତ୍ୟୁବରଣ କରିଥିଲେ କିମ୍ବା ଯାହାର ଠିକଣା ବଦଳିଯାଇଥିଲା ସେମାନଙ୍କ ନାମ କଟାଯାଇଥିଲା ।

### ହିମାଚଳପ୍ରଦେଶରେ ବରଫ ବର୍ଷା ଜାରି

# ଫସିଲେ ହଜାର ହଜାର ପର୍ଯ୍ୟଟକ

**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ହିମାଚଳପ୍ରଦେଶରେ ଜାରି ରହିଛି ବରଫ ବର୍ଷା । ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପାଳନ କରିବାକୁ ଯାଇଥିବା ପର୍ଯ୍ୟଟକ ଫସିଲେ । ମନାଲିରେ ବରଫ ବର୍ଷା ଯୋଗୁଁ ଏକାଧିକ ପର୍ଯ୍ୟଟକ ଫସିରହିଥିବା ଜଣାପଡ଼ିଛି । ସୋଲାଙ୍ଗରୁ ଅଟଳ ଟନେଲ ମଧ୍ୟରେ ଶହଶହ ଗାଡି ଫସି ରହିଛି । ଅଧିକ ଗହଳି ଯୋଗୁଁ ହଜାରରୁ ଅଧିକ ଗାଡି ଫସିରହିଥିବା ବେଳେ ୭୦୦ରୁ ଅଧିକ ଗାଡିକୁ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, ପ୍ରାୟ ଏକ ହଜାର ଯାନବାହାନ ଟ୍ରାଫିକରେ ଫସି ରହିଥିଲେ । ଏନେଇ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହ□ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ପୋଲିସ କର୍ମଚାରୀମାନେ ଯାତ୍ରୀ ଏବଂ ଡ୍ରାଇଭରମାନଙ୍କୁ ସେମାନଙ୍କର ଯାନବାହାନ ଚଳାଚଳ କରିବାରେ ସାହାଯ୍ୟ କରିଥିଲେ । ତେବେ ବରଫ ଆଚ୍ଛାଦିତ ପର୍ବତମାଳାରେ ଖ୍ରୀଷ୍ଟମାସ ଏବଂ ନୂତନ ବର୍ଷ ପାଳନ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଉଛି । ଡିସେମ୍ବର ୮ ତାରିଖରେ ପ୍ରଥମ ତୁଷାରପାତ ପରେ ଦୁଇ ସପ୍ତାହର ବ୍ୟବଧାନ ପରେ ଆରମ୍ଭ ହୋଇଥିବା ପୁଣିଥରେ ତୁଷାରପାତ କେବଳ ପର୍ଯ୍ୟଟକଙ୍କୁ ଖୁସି କରିନାହିଁ ବରଂ ସ୍ଥାନୀୟ ପର୍ଯ୍ୟଟନ ଶିଳ୍ପର ମନୋବଳକୁ ମଧ୍ୟ ପୁନର୍ଜୀବିତ କରିଛି ।

# ଅତିଶୀଙ୍କ ବିରୋଧରେ ଆଗୁଆ ପ୍ରାର୍ଥୀ ଘୋଷଣା କରିପାରେ ବିଜେପି

**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ଆସନ୍ତାବର୍ଷ ଦିଲ୍ଲୀରେ ପଡ଼ିବାକୁ ଯାଉଛି ବିଧାନସଭା ଭୋଟ୍ । ଏନେଇ ବିଧିବଦ୍ଧ ଭାବେ ତାରିଖ ଘୋଷଣା ନହେଇଥିଲେ ବି, ସରଗରମ ହେଇଛି ଦିଲ୍ଲୀ ରାଜନୀତି । ଗୋଟିଏ ପଟେ ଆମ୍ ଆଦମୀ ପାର୍ଟି ସମସ୍ତ ୭୦ଟି ଯାକ ଆସନରେ ପ୍ରାର୍ଥୀ ଘୋଷଣା କରିଦେଇଥିବାବେଳେ, ବିରୋଧୀ ବିଜେପି କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରାର୍ଥୀଙ୍କ ନାଁ ଘୋଷଣା କରିନି । କୁହାଯାଉଛି, ଚଳିତ ସପ୍ତାହରେ ବିଜେପିର କେନ୍ଦ୍ରୀୟ ନିର୍ବାଚନ ସମିତିର ବୈଠକ ବସିବାକୁ ଅଛି, ଯେଉଁଠି କି ଦିଲ୍ଲୀ ରଣନୀତି ନେଇ ପ୍ରସ୍ତୁତ ହେଇଥିବା ବ୍ଲୁ-ପ୍ରିଣ୍ଟରେ ମୋଦୀ-ଶାହାଙ୍କ ମୋହର ବାଜିବ । ଆଉ ବିଜେପି ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିବ । ମିଳିଥିବା ସୂଚନା ମୁତାବକ, ଦିଲ୍ଲୀରେ ଏଥର କୌଣସି ବି ପ୍ରକାରେ ସତ୍ତା ହାସଲ କରିବା ଲକ୍ଷ୍ୟରେ ରହିଛି ଭାରତୀୟ ଜନତା ପାର୍ଟି । ଆଉ ଏଥିପାଇଁ 'ମଧ୍ୟପ୍ରଦେଶ ଫର୍ମୁଲା'ରେ ରଣନୀତି ପ୍ରସ୍ତୁତ କରାଯାଉଛି । ଖାସ୍ କରି, ଆପର ମୁଖ୍ୟ ଚେହେରା ସାଜିଥିବା ଅରବିନ୍ଦ କେଜ୍ରିୱାଲ, ମୁଖ୍ୟମନ୍ତ୍ରୀ ଅତିଶୀ ଯେଉଁ ଯେଉଁ ସିଟରେ ପ୍ରାର୍ଥୀ ହେଇଛନ୍ତି, ସେହି ସିଟରେ ଆଗୁଆ ପ୍ରାର୍ଥୀ ଘୋଷଣା କରିପାରେ ଭାରତୀୟ ଜନତା ପାର୍ଟି ।



ଏମିତି କି, କିଛି ଲୋକସଭା ସାଂସଦଙ୍କୁ ମଧ୍ୟ ବିଧାନସଭା ନିର୍ବାଚନ ପାଇଁ ମୈଦାନକୁ ଓହ୍ଲାଇପାରେ ଦଳ । ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ମୁତାବକ, ଏଥର ଆପ୍ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ବିଜେପି ନିଜର ପୂର୍ବ ସାଂସଦ ପ୍ରବେଶ ସାହିବ ସିଂହ ବର୍ମାଙ୍କୁ ମୈଦାନକୁ ଓହ୍ଲାଇପାରେ । ଯିଏ କି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ ସିଂହ ବର୍ମାଙ୍କ ପୁଅ । ଏହାସହ ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା ମଧ୍ୟ ବିଧାନସଭା ନିର୍ବାଚନ ଲଢ଼ିପାରନ୍ତି । ଚର୍ଚ୍ଚା ଏହା ମଧ୍ୟ ହେଉଛି ଯେ, ଆପ୍ ଆଉ କଂଗ୍ରେସ ଛାଡି ଆସିଥିବା ନେତା କୈଳାଶ ଗେହଲଟ, ରାଜକୁମାର ଗୌତମ, ରାଜକୁମାର ଚୌହାନ ଏଭଂ ଅରବିନ୍ଦର ସିଂହ ଲବଲୀଙ୍କ ଭଳି ନେତାଙ୍କୁ ବିଜେପି ପ୍ରଥମ ପର୍ଯ୍ୟାୟରେ ହିଁ ଟିକେଟ୍ ଦେଇପାରେ । ସେପଟେ କୁହାଯାଉଛି ଯେ, ଆପ୍ ଆଉ କଂଗ୍ରେସର ଆଉ କିଛି ନେତା ଖୁବଶୀଘ୍ର ପଦ୍ମ ଧରିପାରନ୍ତି । ଆଉ ସେମାନଙ୍କୁ ଦଳ ଟିକେଟ୍ ମଧ୍ୟ ଦେଇପାରେ । ତେବେ ସମସ୍ତ ୭୦ଟି ଯାକ ସିଟକୁ ନେଇ ସର୍ଭେ କାମ କରିଛି ବିଜେପି, ଆଉ ସବୁ ସିଟରେ ତିନି ଜଣ ଲେଖାଏ ସମ୍ଭାବିତ ପ୍ରାର୍ଥୀଙ୍କ ତାଲିକା ଦିଆଯାଇଛି । ଯାହା ମଧ୍ୟରୁ ଜଣେ ନେତାଙ୍କ ନାମ ଫାଇନାଲ କରାଯିବା ସହ, ତାଙ୍କୁ ଟିକେଟ୍ ଦିଆଯିବ ।

# ପୁଣି ୧୫୦ ଫୁଟ ଗଭୀର ବୋରୱେଲରେ ଜୀବନ

**ଜୟପୁର,୨୫।୧୨(ଏଜେନ୍ସି):** ପୁଣି ବୋରୱେଲ ଅଘଟଣ । ଗଭୀର ବୋରୱେଲରେ ଫସି ରହିଛି ଆଉ ଏକ ଜୀବନ । ରାଜସ୍ଥାନ କୋଟପୁଟିଲିର ଏକ ବୋଲୱେଲରେ ୩ ବର୍ଷୀୟ ଶିଶୁକନ୍ୟା ଚେତନା ଖସି ପଡିଛି । ୧୪ ଘଣ୍ଟାରୁ ଅଧିକ ସମୟ ହେବ ଉଦ୍ଧାରକାର୍ଯ୍ୟ ଜାରି ରହିଛି । କୋଟାପୁଟିଲି-ବେହଲୋର ଜିଲ୍ଲାର ୩ ବର୍ଷୀୟ ଶିଶୁକନ୍ୟା ଚେତନା ୧୫୦ ଫୁଟ ଗଭୀର ବୋଲୱେଲରେ ଫସି ରହିଛି । ଏନଡିଆରଏଫ, ଏସଡିଆରଏଫ ଏବଂ ସ୍ଥାନୀୟ ପ୍ରଶାସନଙ୍କ ମିଳିତ ଉଦ୍ୟମରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଖେଳୁ ଥିବା ସମୟରେ ଗୋଡ ଖସି ଯିବାରୁ ବୋରୱେଲରେ ଖସି ପଡିଥିଲା ଚେତନା । ୨୫ ଏନଡିଆରଏଫ, ୧୫ ଏସଡିଆରଏଫ ସଦସ୍ୟ ଏବଂ ୪୦ ଅଧିକାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଚେତନାକୁ କିପରି ସୁରକ୍ଷିତ ଉଦ୍ଧାର କରାଯିବ ସେ ଦିଗରେ କାର୍ଯ୍ୟ କରାଯାଉଛି ବୋଲି କହିଛନ୍ତି ଏସଡିଆରଏଫ୍ ଏସଆଇ ରବି କୁମାର । ଏସଡିଏମଙ୍କ ସୂଚନା ଅନୁସାରେ, ଏସଡିଆରଏଫ୍, ଏନଡିଆରଏଫ ଓ ପ୍ରଶାସନ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଏନଡିଆରଏଫ ଟିମ୍ ଉଦ୍ଧାରକାରୀ ଯନ୍ତ୍ର ବୋଲୱେଲ ଭିତରକୁ ଝିଅ ନିକଟକୁ ପଠାଇଛନ୍ତି । ଝିଅକୁ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରୟାସ ଜାରି ରହିଛି । କହି ରଖୁଛୁ କି କିଛି ଦିନ ତଳେ ରାଜସ୍ଥାନର ଦୌସାରେ ଏକ ବୋରୱେଲ ଅଘଟଣ ଘଟିଥିଲା । ୧୫୦ ଫୁଟ ଗଭୀର ବୋରୱେଲରେ ଖସି ପଡିଥିଲା ୫ ବର୍ଷୀୟ ଆର୍ଯ୍ୟାନ । ୩ ଦିନ ଧରି ଉଦ୍ଧାରକାର୍ଯ୍ୟ ଚାଲିଥିଲା । ୫୭ ଘଣ୍ଟାର ରେସ୍କ୍ୟୁ ଅପରେସନ ଫେଲ୍ ହୋଇଥିଲା । ଜୀବନଯୁଦ୍ଧରେ ହାରି ଯାଇଥିଲା ଆର୍ଯ୍ୟାନ ।

# ଆମେ ହୁତି ନେତାଙ୍କର ମଧ୍ୟ ଶିରଚ୍ଛେଦ କରିବୁ

**ଜେରୁଜେଲମ,୨୫।୧୨(ଏଜେନ୍ସି):** ହମାସ ନେତା ଇସମାଇଲ ହାନିଆକୁ ହତ୍ୟା କରିବାରେ ଇସ୍ରାଏଲର ହାତ ଅଛି । ପ୍ରଥମ ଥର ସର୍ବସାଧାରଣରେ ସ୍ୱୀକାର କଲେ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ । ମନ୍ତ୍ରୀଙ୍କ ଏଭଳି ବୟାନ ପରେ ତେହରାନ ଓ ଇସ୍ରାଏଲ ମଧ୍ୟରେ ତିକ୍ତତାକୁ ବଢାଇ ଦେଇପାରେ । ମନ୍ତ୍ରୀ କାଟ୍ଜ କହିଥିଲେ ''ବର୍ତ୍ତମାନ ସମୟରେ ହୁତି ଆତଙ୍କବାଦୀ ସଙ୍ଗଠନ ଇସ୍ରାଏଲ ଉପରେ ମିସାଇଲ ମାଡ କରୁଛି । ମୁଁ ସଭିଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଆମେ ହମାସକୁ ହରାଇଲୁ, ହିଜବୁଲ୍ଲାହକୁ ବି ହରାଇଲୁ, ଇରାନର ପ୍ରତିରକ୍ଷା ପ୍ରଣାଳୀକୁ ଶେଷ କଲୁ, ସିରିଆରେ ଅସଦ ଶାସନକୁ ବି ଓଲଟାଇଦେଲୁ । ଏବେ ପୁଣି ଥରେ ୟେମେନରେ ହୁତି ଆତଙ୍କବାଦୀ ସଙ୍ଗଠନକୁ ବି ଶକ୍ତ ପାହାର ଦେବୁ । ସେ ଏହା ବି କହିଥିଲେ ଆମେ ତାଙ୍କ ରଣନୀତି ଢା□କୁ କ୍ଷତି ପହ□ାଇବୁ । ସେମାନଙ୍କ ଟପ୍ ନେତାଙ୍କ ମୁଣ୍ଡ କାଟ କରିବୁ ଯେମିତି ଆମେ ତେହରାନ, ଗାଜା ଓ ଲେବାନନରେ ହାନିଆ, ସିନବାର ଓ ନସରୁଲ୍ଲାହ ସହ କରିଥିଲୁ । ଠିକ୍ ସେମିତି ଆମେ ହୌଦେଦାହ ଓ ସାନାରେ ବି କରିବୁ । ଏଠାରେ କହିରଖୁଛୁ ଯେ ଇରାନ ସମର୍ଥିତ ହୁତି ସମୂହ ୟେମେନରେ ସକ୍ରିୟ ଅଛନ୍ତି । ଗତ ଏକ ବର୍ଷ ଧରି ଲାଲ ସାଗରରେ ପଣ୍ୟ ଜାହାଜକୁ ଟାର୍ଗେଟ କରୁଛି ହୁତି ସମୂହ । ଇସ୍ରାଏଲ ଉପରେ ନାକାବନ୍ଦୀ କରିବାକୁ ପ୍ରୟାସ କରୁଛି ଏହି ଆତଙ୍କବାଦୀ ସଙ୍ଗଠନ । ଗତ ଜୁଲାଇରେ ହମାସ ନେତା ଇସମାଇଲ ହାନିଆକୁ ତେହରାନରେ ହତ୍ୟା କରାଯାଇଥିଲା । ଇରାନ ଏଥିପାଇଁ ଇସ୍ରାଏଲକୁ ଦାୟୀ କରିଥିଲା । ଏବେ ଇସ୍ରାଏଲ ଏଥିପାଇଁ ନିଜକୁ ଦାୟୀ କରିଛି ।

# ୟୁନୁସ ନିଆଁରେ ଘିଅ ଢାଳୁଛନ୍ତି

**ଢାକା,୨୫।୧୨(ଏଜେନ୍ସି):** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପୁଅ ସଜିବ ୱାଜେଦ୍ ଭାରତରୁ ହସିନାଙ୍କ ପ୍ରତ୍ୟାର୍ପଣ ଦାବି ନେଇ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ମଧ୍ୟବର୍ତ୍ତୀ ସରକାରକୁ ରାଜନେତିକ ପ୍ରତିଶୋଧର କାମ କରୁଥିବା ସେ ଅଭିଯୋଗ କରିଛନ୍ତ । ସେ କହିଛନ୍ତି, ଅନ୍ତର୍ଜାତୀୟ ଅପରାଧିକ ଟ୍ରିବ୍ୟୁନାଲରେ ଶେଖ ହସିନାଙ୍କ ବିରୋଧରେ ଏକ ଲୋକ ଦେଖାଣିଆ ବିଚାର ପ୍ରକ୍ରିୟା ଚାଲିଛି । ଏହା ହେଉଛି ରାଜନୈତିକ ପ୍ରତିଶୋଧ । ଏହା ଦ୍ୱାରା ନ୍ୟାୟକୁ ହତ୍ୟା କରାଯାଉଛି । ବାଂଲାଦେଶ ସରକାର ସୋମବାର ଦିନ ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରିବାକୁ ଭାରତକୁ ଅନୁରୋଧ କରିଛନ୍ତି । ବାଂଲାଦେଶର ଅନୁରୋଧ କ୍ରମେ ଶେଖ ହସିନାଙ୍କ ପୁଅ କହିଛନ୍ତି, କଙ୍ଗାରୁ ଟ୍ରିବ୍ୟୁନାଲ ପାଇଁ ଅନୁରୋଧ କରାଯାଇଛି । ଯେତେବେଳେ ଦେଶରେ ଶହ ଶହ ନେତା ଓ କର୍ମୀଙ୍କୁ ହତ୍ୟା କରାଯାଉଛି, ମିଥ୍ୟା ଅଭିଯୋଗରେ ଲୋକଙ୍କୁ ଜେଲକୁ ପଠାଯାଉଛି



ସେତେବେଳେ ଶେଖ ହସିନାଙ୍କୁ ପ୍ରତ୍ୟାର୍ପଣ କରାଯିବାକୁ ଅନୁରୋଧ କରାଯାଇଛି । ଲୁଟ୍ ଏବଂ ଜଳାପୋଡ଼ା ଭଳି ହିଂସାତ୍ମକ ଆକ୍ରମଣ ଦିନକୁ ଦିନ ଦେଶରେ ବିଢ଼ିଲିଛି । ସେସବୁକୁ ବନ୍ଦ କରିବା ପରିବର୍ତ୍ତେ ୟୁନୁସ ସରକାର ଏହାକୁ ଅଣଦେଖା କରି ନିଆଁରେ ଘିଅ ଢାଳିବା କାମ କରୁଛନ୍ତି । ସଜିବ ୱାଜେଦ୍ ବାଂଲାଦେଶର ଭାରତକୁ ଦେଇଥିବା ଅନୁରୋଧକୁ 'ହତାଶ ପ୍ରୟାସ' ଏବଂ ଆୱାମୀ ଲୋକଙ୍କୁ ହଇରାଣ କରିବାକୁ ଉଦ୍ୟମ ବୋଲି କହିଛନ୍ତି । ସେ କହିଛନ୍ତି, ଡିସେମ୍ବର ୨୨ରେ ଆଇସିଟି ଟ୍ରିବ୍ୟୁନାଲର ମୁଖ୍ୟ ଓକିଲ ତାଜୁଲ ଇସଲାମ ଜାଣିଶୁଣି ଶେଖ ହସିନାଙ୍କ ବିରୋଧରେ ଏକ ମିଥ୍ୟା ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ । ପ୍ରଥମେ ସେ ଦାବି କରିଥିଲେ ଯେ, ଇଣ୍ଟରପୋଲ ହସିନାଙ୍କ ବିରୋଧରେ ରେଡ୍ ନୋଟିସ ଜାରି କରିଛନ୍ତି । ଯେତେବେଳେ ଏହି ମିଥ୍ୟା ଗଣମାଧ୍ୟମରେ ପ୍ରକାଶ ପାଇଲା, ସେତେବେଳେ ସେ ନିଜର ବିବୃତ୍ତି ବଦଳାଇ ଭାରତକୁ ପ୍ରତ୍ୟର୍ପଣ ପାଇଁ ଅନୁରୋଧ ପଠାଇଲେ ।

# ଟେଲିକମ୍ କମ୍ପାନୀଙ୍କୁ ୧୪୧ କୋଟିର ଜରିମାନା

**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ଏବେ ଟେଲିକମ ଉପଭୋକ୍ତାଙ୍କ ଲାଗି ସ୍ପାମ୍ କଲ୍ ଏବଂ ମେସେଜ୍ ଚିନ୍ତାଜନକ ହୋଇଛି । ଏହାକୁ ରୋକିବାରେ ଟେଲିକମ୍ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଏହା ଉପରେ ରୋକ ଲଗାଇବାକୁ ସକ୍ଷମ ହୋଇନାହାନ୍ତି ଦେଶର ବିଭିନ୍ନ ଟେଲିକମ କମ୍ପାନୀ । ଏହାକୁ ନେଇ ଏବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) । କମ୍ପାନୀଗୁଡିକ ଉପରେ ଲାଗିଛି ୧୪୧ କୋଟିର ଜରିମାନା । ଇକୋନୋମିକ ଟାଇମ୍ସ ପକ୍ଷରୁ ଜାରି ଏକ ରିପୋର୍ଟରେ ଏ ନେଇ ଦାବି କରାଯାଇଛି । ୪ ବଡ଼ କମ୍ପାନୀ ବାଦ ଅନେକ ଛୋଟ ଟେଲିକମ ଅପରେଟରଙ୍କ ଉପରେ ମଧ୍ୟ ଲାଗିଛି ଜରିମାନା । ଟ୍ରାଇ ଟେଲିକମ୍ କମର୍ସିଆଲ କମ୍ୟୁନିକେସନ କଷ୍ଟମର ପ୍ରିଫରେନ୍ସ ରେଗୁଲେସନ (ଟିସିସିସିପିଆର୍) ଅଧିନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

ସଦ୍ୟତମ ରାଉଣ୍ଡରେ ଏହି କମ୍ପାନୀଗୁଡିକ ଉପରେ ୧୨ କୋଟି ଟଙ୍କା ଜରିମାନା ଲାଗିଛି । ପୂର୍ବରୁ ଜରିମାନାଗୁଡିକୁ ମିଶାଇଲେ ଏହା ଅଦ୍ୟାବଧି ମୋଟ ୧୪୧ କୋଟି ଟଙ୍କା ହେବ । ତେବେ କମ୍ପାନିଗୁଡିକ ଏହି ବକେୟା ରାଶି ପଇଠ କରିନାହାନ୍ତି ଯ କମ୍ପାନିଗୁଡିକ ବ୍ୟାଙ୍କ ଗ୍ୟାରେଣ୍ଟିକୁ ନେଇ ପ୍ରଦାନ କରିଥିବା ଅର୍ଥ ମଧ୍ୟରୁ ଏହାକୁ ଅସୁଲ କରିବାକୁ ଟ୍ରାଇ ଟେଲିକମ ବିଭାଗକୁ ଅନୁରୋଧ କରିଛି । ଏ ଦିଗରେ ଟେଲିକମ ବିଭାଗର ନିଷ୍ପତ୍ତି ଆସିବା ବାକି ରହିଛି । ଟିସିସିସିପିଆର୍ ୨୦୧୦ରେ ଆସିଥିଲା । ଟେଲିକମ ଉପଭୋକ୍ତାଙ୍କୁ ସ୍ପାମ ମେସେଜ ଏବଂ କଲରୁ ରୋକିବା ଏହାର ଉଦ୍ଦେଶ୍ୟ ଥିଲା । ତେବେ ଟେଲିକମ ଅପରେଟର ମାନେ କହିଛନ୍ତି, ବିଜନେସ ଏବଂ ଟେଲି ମାର୍କେଟିଂ କମ୍ପାନୀଗୁଡିକ ଯୋଗୁ ସ୍ପାମ ସମସ୍ୟା ଉପୁଜୁଛି । ଟ୍ରାଇର ଏହି ଫାଇନ ଯୁକ୍ତିଯୁକ୍ତ ନୁହେଁ ବୋଲି କହିଛନ୍ତି ଟେଲିକମ୍ କମ୍ପାନୀ । ହ୍ୱାଟସଆପ୍ ଭଳି ଓଟିଟି ସହ ବ୍ୟାଙ୍କ ଓ ଅନ୍ୟ ବିଜନେସ ଉପରେ ମଧ୍ୟ ସ୍ପାମ ନିୟମ ଲାଗୁ ହେଉ ବୋଲି ଟେଲିକମ କମ୍ପାନିଗୁଡିକ କହିଛନ୍ତି । ଏହି ପ୍ଲାଟଫର୍ମଗୁଡିକ ସ୍ପାମ୍ ଟ୍ରାଫିକରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛନ୍ତି । ଏଗୁଡିକୁ ନିୟନ୍ତ୍ରିତ କରିବା ଜରୁରୀ ।

### ବଜେଟ୍ ଦିନ ଖୋଲିବ ଷ୍ଟକ୍ ବଜାର

**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ଚଳିତ ବର୍ଷ ଫେବ୍ରୁଆରି ୧ ଶନିବାର ଦିନ ପଡୁଛି । ସାଧାରଣତଃ ସପ୍ତାହର ଶନିବାର ଓ ରବିବାର ଷ୍ଟକ୍ ବଜାର ବନ୍ଦ ରହିଥାଏ । କିନ୍ତୁ ଏଥର ଫେବ୍ରୁଆରି ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିବେ । ତେଣୁ ସେହିଦିନ ଷ୍ଟକ୍ ବଜାର ଖୋଲା ରହିବ ବୋଲି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ପକ୍ଷରୁ ଘୋଷଣା କରାଯାଇଛି ।

# ଅଜ୍ଞାତ ମୃତଦେହ ଚିହ୍ନଟରେ ବାୟୋମେଟ୍ରିକ୍ସର ଉପଯୋଗ ପାଇଁ ଶାହଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି):** ଅଜ୍ଞାତ ମୃତଦେହ ଏବଂ ନିଖୋଜ ବ୍ୟକ୍ତି ମିଳିବା ପରେ ଚିହ୍ନଟ କରିବା ପାଇଁ ବାୟୋମେଟ୍ରିକ୍ ଟେକ୍ନୋଲୋଜି ବ୍ୟବହାର କରିବା ଆବଶ୍ୟକ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର କହିଛନ୍ତି । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି) ସହିତ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ଏକ ସମୀକ୍ଷା ବେଠକରେ ଅଧ୍ୟକ୍ଷତା କରି ଶାହ ଅପରାଧ ଅନୁସନ୍ଧାନର ସମସ୍ତ ପ୍ରସଙ୍ଗରେ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ସମସ୍ତ ମାମଲା ପାଇଁ ପୂର୍ବ ନିର୍ଦ୍ଧାରିତ ପର୍ଯ୍ୟାୟରେ ସତର୍କ ସୂଚନା ଜାରି କରାଯିବା ଉଚି ବୋଲି ସେ କହିଛନ୍ତି । ପୀଡ଼ିତ ଏବଂ ଅଭିଯୋଗକାରୀଙ୍କ ସୁବିଧା ପାଇଁ ପଞ୍ଜୀକରଣଠାରୁ ଆରମ୍ଭ କରି ମାମଲାର ସମାଧାନ ପର୍ଯ୍ୟନ୍ତ ଏକ ସମୟ ସୀମା ରହିବା ଉଚିତ୍ । ଅଜ୍ଞାତ ମୃତଦେହ ଏବଂ ଅଜ୍ଞାତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ବାୟୋମେଟ୍ରିକ୍ ଟେକ୍ନୋଲୋଜିର ବ୍ୟବହାର କରାଯିବା ଉଚିତ୍ ବୋଲି ଶାହ କହିଛନ୍ତି । ଏକ ସରକାରୀ ବିବୃତି ଅନୁଯାୟୀ ଶାହ କହିଛନ୍ତି ଯେ, ପୂର୍ବ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ଅନୁସନ୍ଧାନକାରୀ ଅଧିକାରୀ ତଥା ବରିଷ୍ଠ ଅଧିକାରୀଙ୍କୁ ନିୟମିତ ଆଲର୍ଟ ପଠାଇବା ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଏହି ବେଠକରେ କ୍ରାଇମବ୍ରା□ ଏବଂ ଅପରାଧିକ ପରିଚ । ନେଟୱାର୍କ ଏବଂ ସିଷ୍ଟମ (ସିସିଟିଏନଏସ) ୨.୦ ଏବଂ ଆଇସିଜେଏସ, ନୂତନ ଅପରାଧିକ ଆଇନ ଏବଂ ନ୍ୟାସନାଲ ଅଟୋମେଟେଡ୍ ଫିଙ୍ଗରପ୍ରିଣ୍ଟ ଆଇଡେଣ୍ଟିଫିକେସନ୍ ସିଷ୍ଟମ (ଏନଏଏଫଆଇଏସ), ଜେଲ, କୋର୍ଟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ଫୋରେନସିକ୍ ସମ୍ପର୍କରେ ସମୀକ୍ଷା କରାଯାଇଛି । ଗୃହମନ୍ତ୍ରୀ ଏନସିଆରବିଙ୍କୁ ଆଇସିଜେଏସ ୨.୦ରେ ନୂତନ ଅପରାଧିକ ଆଇନର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ସହଜ କରିବାକୁ କହିଛନ୍ତି । ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅ□ଳରେ ଇ-ସାକ୍ଷ୍ୟ, ନ୍ୟାୟ ଶ୍ରୁତି, ଇ-ସାଇନ୍ ଏବଂ ଇ-ସମନ ଭଳି ପ୍ରୟୋଗର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

# ଆଜିଠୁ ବକ୍ସିଂ ଡେ ଟେଷ୍ଟ : ଭାରତର ନୂଆ ରଣନୀତି

ମେଲବୋର୍ଣ୍ଣ, ୨୫।୧୨: ଆସନ୍ତାକାଲି ବର୍ଡର-ଗାଭାସ୍କର ଟ୍ରଫିର ବକ୍ସିଂ ଡେ ଟେଷ୍ଟ ମେଲବର୍ଣ୍ଣରେ ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ। ବର୍ଡର-ଗାଭାସ୍କର ଟ୍ରଫି ୧-୧ ସ୍ଥିତିରେ ଥିବାରୁ ୪ର୍ଥ ଟେଷ୍ଟ ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସମୟ ଭୋର ୫.୩୦ରୁ ଆରମ୍ଭ ହେବାକୁ ଥିବା ବକ୍ସି ଡେ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ। ଦଳ ତାର ଚୂଡ଼ାନ୍ତ

## ଅଷ୍ଟ୍ରେଲିଆ ଦଳରେ ଦୁଇ ପରିବର୍ତ୍ତନ

ଏକାଦଶ ଘୋଷଣା କରି ସାରିଛି।

ଏବେ ଭାରତୀୟ ଟିମ ମେଲବର୍ଣ୍ଣ ପିଚ୍‌କୁ ଦେଖି ଚୂଡ଼ାନ୍ତ ଏକାଦଶରେ ବଡ଼ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି।ସେହିପରି ପ୍ରଥମ ୩ଟି ଟେଷ୍ଟରେ ଯଶସ୍ୱୀ ଜୈସାଲଙ୍କ ସହ ଇନିଂସ ଆରମ୍ଭ କରିଥିବା କେଏଲ ରାହୁଲଙ୍କ ବ୍ୟାଟିଂ ଅର୍ଡର ମଧ୍ୟ ବଦଳିପାରେ।ସେ ଓପନ ବଦଳରେ ୩ନଂରେ ବ୍ୟାଟିଂ କରିପାରନ୍ତି। ଏମିତି ହେଲେ ରୋହିତ ଶର୍ମା ବକ୍ସିଂ ଡେ ଟେଷ୍ଟରେ ଇନିଂସ ଆରମ୍ଭ କରିବେ ପିଙ୍କ ବଲ ଓ ଗାବା ଟେଷ୍ଟରେ ରୋହିତ ୬ନଂରେ ବ୍ୟାଟିଂ କରିଥିଲେ।

ରିପୋର୍ଟ ଅନୁସାରେ, ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ୬ ନଂରେ ବ୍ୟାଟିଂ କରିଥିବା ରୋହିତ ୪ଟା ଯାକ ଇନିଂସରେ ଫେଲ ମାରିଛନ୍ତି ଏଥର ସେ ମେଲବର୍ଣ୍ଣରେ ଇନିଂସ ଆରମ୍ଭ କରିବାର






ଯଥେଷ୍ଟ ସମ୍ଭାବନା ରହିଛି ଯଦି ରାହୁଲ ୩ନଂରେ ବ୍ୟାଟିଂ କରିବେ, ତାହେଲେ ପୂର୍ବରୁ ଏହି ସ୍ଥାନରେ ଖେଳୁଥିବା ଶୁବମନ ଗିଲ କେତେ ନମ୍ବରକୁ ଖସିବେ ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ।

ରିପୋର୍ଟରେ ଆହୁରି ଦାବି କରାଯାଇଛି ଯେ ଭାରତୀୟ ଟିମ ମ୍ୟାନେଜମେଣ୍ଟ ମେଲବର୍ଣ୍ଣ ପର୍ଡ଼ିଆରେ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବା ନେଇ ଚିନ୍ତା କରୁଛି ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଯଦି ଚୂଡ଼ାନ୍ତ ଏକାଦଶରେ ରହିବେ, ତାହେଲେ ୩ଟି ଯାକ ଟେଷ୍ଟରେ ଠିକଠାକ ପ୍ରଦର୍ଶନ କରିଥିବା ନୀତୀଶ କୁମାର ରେଡ୍ଡୀ ବାଦ ପଡ଼ିବେ। ତେଣୁ ଆସନ୍ତାକାଲି ଭାରତୀୟ ଟିମର ରୂପରେଖ ଓ ବ୍ୟାଟିଂ ଅର୍ଡର କେମିତି ରହିବ, ତା ଉପରେ ସମସ୍ତଙ୍କ ନଜର ରହିଛି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ। ଘୋଷଣା କରିଥିବା ଚୂଡ଼ାନ୍ତ ଏକାଦଶରେ ଏକମାତ୍ର ସ୍ପିନର ଭାବେ ନାଥନ ଲାୟନ ରହିଛନ୍ତି। କିନ୍ତୁ ଘରୋଇ ଟିମ ପାଖରେ ଟ୍ରାଭିସ ହେଡ୍‌ଙ୍କ ରୂପରେ ବ୍ୟାଟିଂ ସ୍ପିନିଂ ଅଲରାଉଣ୍ଡର ରହିଛନ୍ତି।ମେଲବର୍ଣ୍ଣ ପିଚ୍‌ରୁ ଯଦି ସ୍ପିନରଙ୍କୁ ଫାଇଦା ମିଳିବ, ତାହେଲେ ସେ ମଧ୍ୟ ବୋଲିଂ କରିପାରିବେ। ଏହାର ଦିନକ ପୂର୍ବରୁ ଅଷ୍ଟ୍ରେଲିଆ। ବକ୍ସିଂ ଡେ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି ଦଳ ଚୂଡ଼ାନ୍ତ ଏକାଦଶରେ ଦୁଇଟି ପରିବର୍ତ୍ତନ କରିଛି। ନାଥନ ମ୍ୟାକସ୍ୱିନୀଙ୍କ ସ୍ଥାନରେ ଆସନ୍ତାକାଲି କଙ୍ଗାରୁ ଟିମ ପାଇଁ ଡେବ୍ୟୁ କରିବାକୁ ଯାଉଛନ୍ତି ୧୯ ବର୍ଷୀୟ ସାମ କୋନଷ୍ଟାସ ସେହିପରି ଆହତ ଜୋଶ ହାଜେଲଉଡଙ୍କ ସ୍ଥାନରେ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଛି। ଏହାବାଦ ଟ୍ରାଭିସ ହେଡ ମଧ୍ୟ ଫିଟ ଘୋଷିତ ହୋଇଛନ୍ତି।

ତୃତୀୟ ଟେଷ୍ଟରେ ହେଡ୍ ଆହତ ସମସ୍ୟାରେ ପଡ଼ିଥିଲେ। ୪ର୍ଥ ଟେଷ୍ଟରେ ସେ ଖେଳିବା ନେଇ ଅନିଶ୍ଚିତତା ମଧ୍ୟ ଦେଖାଯାଇଥିଲା ।କିନ୍ତୁ ସେ ଏବେ ଫିଟନେସ ଟେଷ୍ଟରେ ପାସ୍ କରି ଯାଇଛନ୍ତି। ବକ୍ସିଂ ଡେ ଟେଷ୍ଟରେ ମଧ୍ୟ ସେ ଉପଲବ୍ଧ ହେବେ ବୋଲି ଅଷ୍ଟ୍ରେଲିଆ। ଟିମର ଅଧିନାୟକ ପାଟ କମିନ୍ସ ନିଶ୍ଚିତ କରିଛନ୍ତି।ଖରାପ ଫର୍ମ ଦେଇ ଗତି କରୁଥିବା ମିଚେଲ ମାର୍ଶ ମଧ୍ୟ ୪ର୍ଥ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ରହିଛନ୍ତି। ପିଙ୍କ ବଲ ଟେଷ୍ଟରେ ହାଜେଲଉଡ ଆହତ ହେବାରୁ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଥିଲା ।ସେ ମଧ୍ୟ ଦମଦାର ପ୍ରଦର୍ଶନ କରିଥିଲେ କିନ୍ତୁ ତୃତୀୟ ଟେଷ୍ଟକୁ ହାଜେଲଉଡ ଫେରିବାକୁ ତାଙ୍କୁ ବାଦ ଦିଆଯାଇଥିଲା। ଏବେ ସେ ପୁଣି ଦଳକୁ ଫେରିଛନ୍ତି।

୧୯ ବର୍ଷୀୟ ସାମ କୋନଷ୍ଟାସ ଗୁରୁବାର ପଡ଼ିଆକୁ ଓହ୍ଲାଇବା କ୍ଷଣି ସର୍ବକନିଷ୍ଠ ଖେଳାଳି(ଓପନର) ଭାବେ ଅଷ୍ଟ୍ରେଲିଆ। ପାଇଁ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିବାର ରେକର୍ଡ କରବେ। ଭାରତ ବିପକ୍ଷ ସିରିଜରେ ଡେବ୍ୟୁ କରିଥିବା ମ୍ୟାକସ୍ୱିନୀ ୩ଟି ଯାକ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିବାରୁ ତାଙ୍କୁ ସ୍କାଡରୁ ବାଦ ଦିଆଯାଇଥିଲା।

ତାଙ୍କ ସ୍ଥାନରେ ସାମଙ୍କୁ ସୁଯୋଗ ମିଳିଛି। ୨୦୧୧ରେ ବର୍ତ୍ତମାନ ଅଧିନାୟକ ପାଟ କମିନ୍ସ ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ଅଷ୍ଟ୍ରେଲିଆ। ପାଇଁ ଡେବ୍ୟୁ କରିଥିଲେ। ଏବେ ସାମ ୧୯ ବର୍ଷ ବୟସରେ ସର୍ବକନିଷ୍ଠ ଅଷ୍ଟ୍ରେଲୀୟ ଓପନର ଭାବେ ଡେବ୍ୟୁ କରିବାକୁ ଯାଉଛନ୍ତି ସାମ। ଆସନ୍ତାକାଲି ଅଭିଜ୍ଞ ଉସମାନ ଖାଜାଙ୍କ ସହ ଅଷ୍ଟ୍ରେଲିଆ ପାଇଁ ଇନିଂସ ଆରମ୍ଭ କରିବେ।

ଅଷ୍ଟ୍ରେଲିଆ ଦଳ: ସାମ କୋନଷ୍ଟାସ, ଉସମାନ ଖାଜା, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କେରୀ(ୱିକେଟ କିପର), ପାଟ କମିନ୍ସ(ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲାୟନ ଓ ସ୍କଟ ବୋଲାଣ୍ଡ।

## କ୍ରିକେଟର ନମନ ଓଝାଙ୍କ ବାପାଙ୍କୁ ଜେଲ୍

ବେତୁଲ, ୨୫।୧୨: ଭାରତୀୟ କ୍ରିକେଟର ନମନ ଓଝାଙ୍କ ବାପାଙ୍କୁ ୭ ବର୍ଷ ଜେଲ୍ ଓ ୧୪ ଲକ୍ଷ ଟଙ୍କାର ଜୋରିମାନ ହୋଇଛି। ଏକ ଅର୍ଥ ହଡ଼ପ ମାମଲାରେ କୋର୍ଟ ତାଙ୍କୁ ସଜା ଶୁଣାଇଛନ୍ତି। ୨୦୧୩ ମସିହାରେ ବେତୁଲ ଜିଲ୍ଲାର ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଜୌଲଖେଡ଼ା ଶାଖାରେ ପ୍ରାୟ ୧.୨୫ କୋଟି ଟଙ୍କା ଠକେଇ ମାମଲା ରୁଜୁ



ହୋଇଥିଲା। ୧୧ ବର୍ଷ ତଳରେ ଏହି ମାମଲାରେ ମୁଲତାଇ ଅତିରିକ୍ତ ସେସନ କୋର୍ଟ ନମନ ଓଝାଙ୍କ ବାପା ବିନୟ କୁମାର ଓଝାଙ୍କୁ ସଜା ଶୁଣାଇଛନ୍ତି।

୨୦୧୩ରେ ଘଟିଥିବା ଏହି ଠକେଇ ମାମଲାରେ ବିନୟ ଓଝାଙ୍କୁ ୨୦୨୨ରେ ବେତୁଲ ପୁଲିସ ଗିରଫ କରିଥିଲା। ବିନୟଙ୍କ ବିରୋଧରେ ଠକେଇ ଅଭିଯୋଗ ଲାଗିବା ପରେ ସେ ଦୀର୍ଘ ସମୟ ଧରି ଫେରାର୍ ଥିଲେ। ରିପୋର୍ଟ ଅନୁଯାୟୀ, ଜାଲିଆତି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଠକେଇ ୨୦୧୪ ମସିହାରେ ଭି.କେ ଓଝାଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହୋଇଥିଲା ସେବେଠାରୁ ସେ ଫେରାର ଥିଲେ।

ରିପୋର୍ଟ ଅନୁଯାୟୀ, ବିନୟ ୩୪ ଟି ନକଲି ଆକାଉଣ୍ଟ ଖୋଲି ଜାଲିଆତି କରିଥିଲେ। କିସାନ କ୍ରେଡିଟ କାର୍ଡରୁ ନିଆଯାଇଥିବା ଋଣ ସେହି ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ ନକଲି ଆକାଉଣ୍ଟରୁ ପ୍ରାୟ ୧.୨୫ କୋଟି ଟଙ୍କା ପ୍ରତ୍ୟାହାର କରାଯାଇଥିଲା ।ଏହି ମାମଲାରେ ୩ ଅନ୍ୟ ଅଭିଯୁକ୍ତମାନେ ହେଲେ ଅଭିଷେକ ରତ୍ନାମ , ଧନରାଜ ଏବଂ ଲଖାନଲାଲଙ୍କୁ ମଧ୍ୟ ଜେଲ ଓ ଜରିମାନା କରାଯାଇଛି । ବିନୟ ୭ ବର୍ଷ ଜେଲ, ଧାରା ୪୦୯ ଅନୁଯାୟୀ ୭ ଲକ୍ଷ ଟଙ୍କା ଜୋରିମାନା କରାଯାଇଥିବା ବେଳେ ଧାରା ୧୨୦ ବି ଅନୁଯାୟୀ ୭ ବର୍ଷ କାରାଦଣ୍ଡ ଏବଂ ୭ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି।

## ଅଷ୍ଟ୍ରେଲିଆ ଗସ୍ତରେ ଯିବେନି ସାମି

ମୁମ୍ବାଇ, ୨୫।୧୨:ଅଷ୍ଟ୍ରେଲିଆ। ବିପକ୍ଷରେ ଖେଳାଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଅଭିଜ୍ଞ ବୋଲର ମହମ୍ମଦ ସାମିଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରିଥିବା ପ୍ରଶଂସକଙ୍କ ପାଇଁ ଖରାପ ଖବର ସାମ୍ନାକୁ ଆସିଛି ସାମି ଅଷ୍ଟ୍ରେଲିଆ। ଗସ୍ତରେ ଯିବେ ନାହିଁ। ବିସିସିଆଇ ନିକଟରେ ଏହି ଦ୍ରୁତ ବୋଲରଙ୍କ ଫିଟନେସ୍ କୁ ନେଇ ଏକ ବଡ଼ ଅପଡେଟ୍ ସେୟାର କରିଛି, ଯେଉଁଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ସାମି ବର୍ଡର-ଗାଭାସ୍କର ଶୃଙ୍ଖଳାର ଶେଷ ଦୁଇଟି ମ୍ୟାଚ୍ ଖେଳିପାରିବେ ନାହିଁ ଏବଂ ତାଙ୍କ ପାଇଁ ଦଳରେ ଯୋଗ ଦେବାର କୌଣସି ସୁଯୋଗ ନାହିଁ ୨୦୨୩ ବିଶ୍ୱକପ୍ ପରଠାରୁ ମହମ୍ମଦ ସାମି ଦଳବାହାରେ ଅଛନ୍ତି ଏବଂ ଏହା ପରେ ତାଙ୍କ ଗୋଡ଼ର ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା ସାମି ଘରୋଇ କ୍ରିକେଟକୁ ଫେରିଛନ୍ତି କିନ୍ତୁ ବିସିସିଆଇ ଡାକ୍ତରୀ ଦଳ ତାଙ୍କ ଫିଟନେସରେ ସନ୍ତୁଷ୍ଟ ନୁହଁନ୍ତି।

ବିସିସିଆଇ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସାମି ଏହି ଗୋଇଠି ସମସ୍ୟାରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ନଭେମ୍ବରରେ ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ସାମି ୪୩ ଓଭର ବୋଲିଂ କରିଥିଲେ ଏହାପରେ ସେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି (ଏସଏମଏଟି)ର ସମସ୍ତ ୯ଟି ମ୍ୟାଚ୍ ଖେଳିଥିଲେ, ଯେଉଁଠାରେ ସେ ଅତିରିକ୍ତ ବୋଲିଂ ଅଧିବେଶନରେ ଅଂଶଗ୍ରହଣ କରି ନିଜର ବୋଲିଂ ଦକ୍ଷତା ବୃଦ୍ଧି କରିଥିଲେ ତେବେ ତାଙ୍କ ବାମ ଆଣ୍ଠୁରେ ପୁଣିଥରେ ସାମାନ୍ୟ ଫୁଲା ଦେଖିବାକୁ ମିଳିଛି।

## ଦୃଢ଼ ହେଲା ବୁମରାଙ୍କ ର୍‍ୟାଙ୍କିଙ୍ଗ

ଦୁବାଇ, ୨୫।୧୨: ଟିମ ଇଣ୍ଡିଆର ସ୍ପିଡଷ୍ଟାର ଯଶପ୍ରୀତ ବୁମରା ଆଇସିସି ଟେଷ୍ଟ ବୋଲିଂ ରାଙ୍କିଂରେ ୧ନଂ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ୧ନଂ ସ୍ଥାନରେ ରହି ସେ ଐତିହାସିକ ରେକର୍ଡର ଅଧିକାରୀ ହୋଇଛନ୍ତି।ବେଶ କିଛି ସପ୍ତାହ ଧରି ଆଇସିସି ଟେଷ୍ଟ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିବା ବୁମରା ଏବେ ଉକ୍ତ ସ୍ଥାନରେ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିଛନ୍ତି।




୨୦୨୪ରେ ସର୍ବାଧିକ ୱିକେଟ(୭୨) ଦଖଲ କରିଥିବା ବୁମ୍ରାଙ୍କ ରେଟିଂ ପଏଣ୍ଟ ଚଳିତ ସପ୍ତାହରେ ୯୦୪ରେ ପହଞ୍ଚି ଯାଇଛି ଏହି ରେକର୍ଡ ପଏଣ୍ଟ ସହ ବୁମ୍ରା କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଇସିସିରେ ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ବୁମରାା ଓ ଅଶ୍ୱିନଙ୍କ ତୁଳନାରେ କେବେ ହେଲେ ବି କୌଣସି ଭାରତୀୟ ବୋଲର ଏତେ ରେଟିଂ ପଏଣ୍ଟ ହାସଲ କରିପାରି ନାହାନ୍ତି। ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଅଶ୍ୱିନ ୨୦୧୬ ଡିସେମ୍ବର ମାସରେ ରେକର୍ଡ ୯୦୪ ରେଟିଂ ପଏଣ୍ଟ ହାସଲ କରିଥିଲେ। ଆଜି ବୁମରା ଏହି ରେକର୍ଡର ସମକକ୍ଷ ହୋଇଛନ୍ତି।

ଆଜି ଆଇସିସି ଜାରି କରିଥିବା ବୋଲିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ବୁମରା ରହିଥିବା ବେଳେ ଦ୍ୱିତୀୟରେ କାଗିସୋ ରବାଡା, ତୃତୀୟରେ ଜୋଶ ହାଜେଲଉଡ, ୪ର୍ଥରେ ପାଟ କମିନ୍ସ ଓ ୫ମରେ ରବି ଅଶ୍ୱିନ ରହିଛନ୍ତି ରବୀନ୍ଦ୍ର ଜାଡେଜା ୪ଟି ସ୍ଥାନ ତଳକୁ ଖସି ୧୦ନଂରେ ପହଞ୍ଚି ଯାଇଛନ୍ତି। ଅନ୍ୟପକ୍ଷରେ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ଜୋ ରୁଟ ରହିଛନ୍ତି। ଭାରତ ବିପକ୍ଷରେ ଦମଦାର ଇନିଂସ ଖେଳିଥିବା ଟ୍ରାଭିସ ହେଡ୍ ଗୋଟିଏ ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଥିବା ବେଳେ ଯଶସ୍ୱୀ ଜୈସାଲ ୫ମକୁ ଖସିଛନ୍ତି।ଟପ୍ ୧୦ରେ ଥିବା ଋଷଭ ପନ୍ତ ୧୨ ନଂରେ ପହଞ୍ଚିଛନ୍ତି ଷ୍ଟିଭ ସ୍ମିଥ ଗୋଟିଏ ସ୍ଥାନ ଉପରକୁ ଉଠି ୧୧ନମ୍ବର ସ୍ଥାନ ଦଖଲ କରିଛନ୍ତି।

## ଆଉ ପାଦେ ଉପରକୁ ଉଠିଲେ ମନ୍ଧାନା

ଦୁବାଇ, ୨୫।୧୨: ଭାରତୀୟ ମହିଳା କ୍ରିକେଟ ଟିମର ଉପ ଅଧିନାୟକ ତଥା ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ଆଇସିସି ରାଙ୍କିଙ୍ଗରେ କମାଲ କରିଛନ୍ତି।ସେ ଉଭୟ ଟି-୨୦ ଓ ଦିନିକିଆ। ରାଙ୍କିଙ୍ଗର ୨ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ଓ ଦିନିକିଆ। ସିରିଜରେ ନିଜର ଜଲା ଦେଖାଇଥିବା ସ୍ମୃତି ମନ୍ଧାନାଙ୍କୁ ଏବେ ଆଇସିସି ରାଙ୍କିଙ୍ଗରେ ଫାଇଦା ମିଳିଛି।




ବାମହାତୀ ମନ୍ଧାନା ଆଇସିସି ଦିନିକିଆ ରାଙ୍କିଙ୍ଗରେ ୭୩୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଉପରେ ୭୭୩ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକାର ଲାଉରା ଲଭାର୍ଡଟ ଅଛନ୍ତି। ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ମନ୍ଧାନା ୧ନଂ ସ୍ଥାନ ଦଖଲ କରିବାର ଅତି ନିକଟରେ ପହଞ୍ଚି ଯାଇଛନ୍ତି। ସେ ୭୫୩ ପଏଣ୍ଟ ସହ ଦ୍ୱିତୀୟରେ ରହିଥିବା ବେଳେ ଅଷ୍ଟ୍ରେଲିଆର ବେଥ ମୁନୀ ୭୫୭ ପଏଣ୍ଟ ସହ ୧ନଂରେ ରହିଛନ୍ତି।

ଚଳିତ ସପ୍ତାହରେ ମନ୍ଧାନା ଇଣ୍ଡିଜ ବିପକ୍ଷରେ ଖେଳିଥିବା ୨ଟି ଟି-୨୦ରେ ଯଥାକ୍ରମେ ୬୨ ଓ ୭୭ ରନ କରିଥିଲେ। ଏଥିପାଇଁ ସେ ରାଙ୍କିଙ୍ଗର ୨ ନଂ ସ୍ଥାନରେ ପହଞ୍ଚଛନ୍ତି।୨୮ ବର୍ଷୀୟ ମନ୍ଧାନା ପ୍ରଥମ ଦିନିକିଆରେ ୯୧ ଓ ଦ୍ୱିତୀୟ ଦିନିକିଆରେ ୫୩ ରନର ଇନିଂସ ଖେଳିଥିଲେ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ଟିମର ଅଧିନାୟକ ହେଲୀ ମାଥ୍ୟୁସ ଟି-୨୦ ରାଙ୍କିଙ୍ଗରେ ୨ଟି ସ୍ଥାନ ଉପରକୁ ଉଠି ୩ନଂରେ ପହଞ୍ଚିଥିବା ବେଳେ ଅଷ୍ଟ୍ରେଲିଆର ତାହିଲା ମ୍ୟାଗ୍ରା ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ରହିଛନ୍ତି ୫ମ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଲାଉରା ଅଛନ୍ତି।

## ହର୍ଲିନଙ୍କ ଶତକରେ ଆଗୁଆ ସିରିଜ ବିଜୟ

ବଡ଼ୋଦରା, ୨୫।୧୨:ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘ୍ରୋଇ ଦିନିକିଆ। ଶୃଙ୍ଖଳାକୁ ଭାରତ ଆଗୁଆ। ୨-୦ରେ କବ୍‌ଜା କରି ନେଇଛି ।୩ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାର ପ୍ରଥମ ଦିନିକିଆକୁ ୨୧୧ ରନ୍‌ରେ ଜିତିଥିବା ଘରୋଇ ଦଳ ଦ୍ୱିତୀୟ ମ୍ୟାଚ୍‌କୁ ୧୧୫ ରନ୍‌ରେ ଜିତି ନେଇଛି। ତୃତୀୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ପ୍ରତୀକା ରାଲ ୧୧୦ ରନ୍ ଭାଗୀଦାରି ଗଢ଼ି ଭଲ ଆରମ୍ଭ ଦେଇଥିଲେ। ମନ୍ଧାନା (୫୩, ୪୭ ବଲ୍, ୭ ଚେକା, ୨ ଛକା) ନିଜର ୨୯ତମ ଅର୍ଦ୍ଧଶତକ ଅର୍ଜନ କରିବା ପରେ ଆଉଟ୍ ହୋଇଥିଲେ। ଏହା ପରେ ହର୍ଲିନ ଦେଓଲଙ୍କ ସହ ପ୍ରତୀକା (୭୬, ୮୬ ବଲ୍, ୧୦ ଚୌକା, ୧ ଛକା) ଦ୍ୱିତୀୟ ୱିକେଟ୍‌ରେ ୬୨ ରନ୍ ଯୋଡ଼ି ବଡ଼ସ୍କୋର୍ ଦିଗରେ ନେଇଥିଲେ। ନିଜର ପଦାର୍ପଣ ମ୍ୟାଚ୍‌ରେ ୪୦ ରନ୍ କରିଥିବା ପ୍ରତୀକା ଦ୍ୱିତୀୟ ମ୍ୟାଚ୍‌ରେ ନିଜର ପ୍ରଥମ ଅର୍ଦ୍ଧଶତକ ଅର୍ଜନ କରିଥିଲେ ଅଧିନାୟିକା ହର୍ମନପ୍ରୀତ କୌର (୨୨) ବଡ଼ ସ୍କୋର୍ କରିବା ପୂର୍ବରୁ ଆଉଟ୍ ହୋଇଥିଲେ।




ହର୍ଲିନ (୧୧୫, ୧୦୩ ବଲ୍, ୧୬ ଚୌକା) ନିଜର ପ୍ରଥମ ଶତକ ଅର୍ଜନ କରିଥିଲେ। ତାଙ୍କ ସହ ଜେମିମା ରଡ୍ରିଗୁଏଜ ଚତୁର୍ଥ ୱିକେଟ୍‌ରେ ୧୧୬ ରନ୍‌ର ଭାଗୀଦାରି ଗଢ଼ି ଦଳୀୟ ସ୍କୋର୍ ୩୦୦ ପାର୍ କରିଥିଲେ। ରଡ୍ରିଗୁଏଜ (୫୨, ୩୬ ବଲ୍, ୬ ଚୌକା, ୧ ଛକା) ବିସ୍ଫୋରକ ପାଳି ଖେଳି ଶେଷ ୱିକେଟ୍ ଭାବେ ଆଉଟ୍ ହୋଇଥିଲେ। ଏହାପରେ ରିଚା ଘୋଷ ୬ ବଲ୍‌ରୁ ୧୩ ରନ୍ କରି ଦଳୀୟ ସ୍କୋର୍‌କୁ ୩୫୮ରେ ପହଞ୍ଚାଇଥିଲେ। ଯାହା ଭାରତର ଯୁଗ୍ମ ସର୍ବୋଚ୍ଚ ସ୍କୋର୍ ହୋଇଥିଲା। ପୂର୍ବରୁ ଭାରତ ୨୦୧୭ (ପୋସେଫଷ୍ଟ୍ରମ୍‌ରେ) ଆୟର୍ଲାଣ୍ଡ ବିପକ୍ଷରେ ୩୫୮ ରନ୍ କରିଥିଲା। ଏହା ବିଦେଶୀ ମାଟିରେ ହୋଇଥିବାରୁ ଭାରତର ଇଣ୍ଡିଜ ବିପକ୍ଷ ସ୍କୋର୍ ଘରୋଇ ମାଟିରେ ସର୍ବୋଚ୍ଚ ସ୍କୋର୍। ପୂର୍ବରୁ ଭାରତର ଘରୋଇ ମାଟିରେ ସର୍ବୋଚ୍ଚ ସ୍କୋର୍ ୩୨୫ (ଦକ୍ଷିଣ ଆଫ୍ରିକା, ୨୦୨୪, ବେଙ୍ଗାଲୁରୁ) ଥିଲା ।

ଜବାବରେ ୱେଷ୍ଟଇଣ୍ଡିଜ୍ ଅଧିନାୟକ ହେଲି ମାଥ୍ୟୁସ (୧୦୬, ୧୦୯ ବଲ୍, ୧୩ ଚୌକା)ଙ୍କ ଶତକ ସତ୍ତ୍ୱେ ୪୬.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ପ୍ରିୟା ମିଶ୍ର ୩ ଏବଂ ଦୀପ୍ତି ଶର୍ମା, ଟିଟାସ ସାଧୁ, ପ୍ରତୀକା ରାଲ ୨ ଲେଖାଏଁ ୱିକେଟ୍ ନେଇଥିଲେ ।ହର୍ଲିନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ବାପା ହେଲେ ଅକ୍ଷର ପଟେଲ

ନୂଆଦିଲ୍ଲୀ, ୨୫।୧୨: ରୋହିତ ଶର୍ମାଙ୍କ ପରେ ଟିମ ଇଣ୍ଡିଆର ଆଉ ଜଣେ କ୍ରିକେଟର ବାପା ହୋଇଛନ୍ତି। ଅକ୍ଷର ପଟେଲଙ୍କ ପତ୍ନୀ ମେହା ମା ହୋଇଛନ୍ତି। ସେ ଗୋଟିଏ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିବା ଅକ୍ଷର ପଟେଲ। ଆଜି ଇନଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କିନ୍ତୁ ମେହା ଡିସେମ୍ବର ୧୯ରୁ ମା ହୋଇ ସାରିଥିବା ସେ କହିଛନ୍ତି। ଅକ୍ଷର ଓ ମେହା ଇନଷ୍ଟାଗ୍ରାମରେ ସେମାନଙ୍କ ନବଜାତ ପୁଅ ଟିମ ଇଣ୍ଡିଆର ଜର୍ସୀ ପିନ୍ଧିଥିବା ଫଟୋ ପୋଷ୍ଟ କରିଛନ୍ତି। ଏଥିସହ ପୁଅର ନାଁ ମଧ୍ୟ ସେମାନେ ସମସ୍ତଙ୍କୁ ଜଣାଇଛନ୍ତି। ସେମାନେ ପୁଅର ନାଁ ହକଶ ପଟେଲ ରଖିଛନ୍ତି।

ଅକ୍ଷର ଓ ମେହା ଇନଷ୍ଟାଗ୍ରାମରେ ଲେଖିଛନ୍ତି, ସେ ଏବେ ବି ଗୋଡ଼ରୁ ଅଫ ସାଇଡ ଖୋଜୁଛି କିନ୍ତୁ ଆମେ ତାକୁ ବ୍ଲୁରେ ଆପଣଙ୍କ ଆଗରେ ଉପସ୍ଥାପନ କରିବାକୁ ଅପେକ୍ଷା କରିପାରୁ ନାହୁଁ ବିଶ୍ୱରେ ଭାରତର ସବୁଠାରୁ ଛୋଟ ତଥାପି ସବୁଠାରୁ ଫ୍ୟାନ ଓ ଆମ ହୃଦୟର ସବୁଠାର ଖାସ୍ ହକଶ ପଟେଲକୁ ସ୍ୱାଗତ ୧୯-୧୨-୨୦୨୪।

ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ମଧ୍ୟ ଅକ୍ଷର ପିତୃ ଛୁଟିରେ ଥିବା କହିଥିଲେ ସେ ପିତୃ ଛୁଟିରେ ଥିବାରୁ ତାଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ସ୍କ୍ୱଡରେ ସାମିଲ କରାଯାଇଥିବା ରୋହିତ ସ୍ପଷ୍ଟ କରିଥିଲେ। ଅକ୍ଷର ଓ ମେହା ଅକ୍ଟୋବର ୭ରେ ବାପା ମା ହେବାକୁ ଯାଉଥିବା ଘୋଷଣା କରିଥିଲେ ।ଏବେ ସେମାନେ ବାପା ମା ହୋଇଛନ୍ତି ୨୦୨୩ରେ ଜାନୁଆରୀରେ ଉଭୟ ବିବାହ କରିଥିଲା।

### ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ୍ କପ୍

## ହଜାରିବାଗକୁ ହରାଇଲା ଭୁବନେଶ୍ୱର

ବୀରମହାରାଜପୁର, ୨୫।୧୨: ୨୮ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ୍ କପର ଚତୁର୍ଥ ଦିବସରେ ମଙ୍ଗଳବାର ହଜାରିବାଗର ପାନ୍ଥରକୁ ପରାସ୍ତ କରି ଭୁବନେଶ୍ୱରର ସ୍ୱାଟନ୍ ସେମିଫାଇନାଲ୍‌ରେ ପହଞ୍ଚିଛି।




ମ୍ୟାଚ୍‌ଟି ଟି-୨୦ ଓ ଟି-୧୦ ଫର୍ମାଟ୍‌ରେ ଖେଳାଯାଇଥିଲା। ହଜାରିବାଗ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ପ୍ରଥମ ଫର୍ମାଟ୍‌ର ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୧୧ ରନ୍ କରିଥିଲା। ଦଳ ପାଇଁ ସଂସ୍କାର ପ୍ରଭାକର ସର୍ବାଧିକ ୪୨ ରନ୍ ଓ ସନ୍ଦୀପ କୁମାର ଶର୍ମା ୩୨ ରନ୍ କରିଥିଲେ। ବିପକ୍ଷ ଭୁବନେଶ୍ୱରର ସୁମିତ ମହାରଣା ସର୍ବାଧିକ ୪ ଟି ୱିକେଟ୍ ଅକ୍ତିଆର କରିଥିଲେ, ବାଦଲ ଭୋଳ, ଅବଦୁଲ ମୁଜିବ ଖାନ୍, ବିବେକ କୁମାର ଓ ଇଲ୍ଲୁ ଗୋଛାୟତଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

ଜବାବରେ ଭୁବନେଶ୍ୱର ୧୪ ଓଭରରେ ୬ ୱିକେଟ୍ ହରାଇ ଆବଶ୍ୟକୀୟ ୧୧୨ ରନ୍ ସଂଗ୍ରହ କରିଥିଲା। ଦଳର ଉତ୍କର୍ଷ ପାଣ୍ଡେ ସର୍ବାଧିକ ୩୧ ରନ୍ ସଂଗ୍ରହ କରିଥିବା ବେଳେ କେ.ପଟ୍ଟନାୟକ ୨୯ ରନ୍ ଯୋଡ଼ିଥିଲେ ବିପକ୍ଷ ହଜାରିବାଗର ଫୈଜଲ ଅନ୍‌ର ସର୍ବାଧିକ ୩ଟି ଓ ସନ୍ଦୀପ କୁମାର ଶର୍ମା ୨ଟି ୱିକେଟ୍ ନେଇଥିଲେ ।

ଦ୍ୱିତୀୟ ଫର୍ମାଟ୍‌ରେ ହଜାରିବାଗ ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ୍ ହରାଇ ୪୭ ରନ୍ କରିଥିଲା। ଦଳର କୁମାର ଶିଭମ ଓ ପ୍ରେମ ବେଶରା ପ୍ରତ୍ୟେକ ୧୬ ରନ୍ ଲେଖାଏଁ କରିଥିଲେ। ବିପକ୍ଷ ଭୁବନେଶ୍ୱରର ବାଦଲ ଭୋଳ, ସୁମିତ ମହାରଣା ଓ ଅବଦୁଲ ମୁଜିବ ଖାନ୍ ପ୍ରତ୍ୟେକ ୨ ଟି ଲେଖାଏଁ ନେଇଥିଲେ। ଜବାବରେ ଭୁବନେଶ୍ୱର ୪ ଓଭରରେ ୨ ୱିକେଟ୍ ହରାଇ ଆବଶ୍ୟକୀୟ ୪୮ ରନ୍‌କୁ ସଂଗ୍ରହ କରିଥିଲା ।ଏଥିରେ ସରୋଜ ପଣ୍ଡାଙ୍କ ୨୮ ଓ ଇଲ୍ଲୁ ଗୋଛାୟତଙ୍କ ୧୨ ରନ୍ ଯୋଗଦାନ ଥିଲା। ହଜାରିବାଗ ପାଇଁ ଉତ୍ତମ କୁମାର ଓ ଅନ୍ୱେଶ ଝା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଉଭୟ ଟି-୨୦ ଓ ଟି-୧୦ ଫର୍ମାଟ୍‌ରେ ବିଜୟ।

## ଦେଶାନ୍ତ ବାଗ ସ୍ମାରକୀ କ୍ରିକେଟ : ଅମଳାପାଲି ଚମ୍ପିଆନ

ବଙ୍ଗୋମୁଣ୍ଡା, ୨୫।୧୨(ମହାଭାରତ): ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ଆଦର୍ଶ ଖେଳପଡିଆ। ଠାରେ ଆଦର୍ଶ କ୍ରିକେଟ କ୍ଲବ ତରଫରୁ ଚାଲିଥିବା ଦେଶାନ୍ତ ବାଗ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛିଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଭାଲୁମୁଣ୍ଡା ସରପଞ୍ଚ ପ୍ରତିନିଧି ବସନ୍ତ ମେହେର,ପୂର୍ବତନ ସରପଞ୍ଚ ଉପେନ୍ଦ୍ର ମେହେର, ବେଲପଡା ସରପଞ୍ଚ ପ୍ରତିନିଧି ସ୍ୱୟରାମ ବାଗ , ପ୍ରଦୀପ ମେହେର ,ଯୋଗୀନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୧୬ ଗୋଟି ଦଳ ଭାଗ ନେଇଥିଲେ ଅମଳାପାଲି ଦଳ ଓ ଗୁହୁରିଆମୁଣ୍ଡା ଦଳ ଫାଇନାଲ୍ ମ୍ୟାଚ ରେ ଉତ୍ତୀର୍ଣ୍ଣ ହୋଇଥିଲା। ଗୁହୁରିଆମୁଣ୍ଡା ଦଳ କୁ ପରାସ୍ତ କରି ଅମଳାପାଲି ଦଳ ଚମ୍ପିୟାନ ହୋଇଥିଲା ଡବ୍ଲୁ ଓ ପ୍ରଶାନ୍ତ ଖେଳ ପରିଚାଳନା କରି ଥିବା ବେଳେ ଅଭୟ ବାଗ ଏବଂ ଖଗେ କୁମ୍ଭାର ଧାରାବିବରଣି ପ୍ରଦାନ କରିଥିଲେ ସ୍କୋର ରେ ରୂପେଶ ମେହେର ଏବଂ ଅମିତ ମେହେର ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ଚୈତନ୍ୟ ମେହେର,ସଂପାଦକ ଆଲୋକ ମିଶ୍ର ଙ୍କ ସହ କମିଟିର ସୁଶାନ୍ତ ଠେଲା, ସିଧାତ ମିଶ୍ର, ରାଜେଶ ପୁଟେଲଙ୍କ ସମେତ ଆୟୋଜକ କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।




Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ